ଧରିତ୍ରୀ
DHARITRI
March 7-13, 2021 ₹ 2/-

# ଛୁଟିଦିନ



# ମହିଳା ଓ ମୁଖାଗ୍ନି

ଦେହାନ୍ତ ପରେ ମରଶରୀରକୁ କିଏ କବର ଦିଅନ୍ତି ତ କିଏ ଅଗ୍ନିରେ ଦାହ କରନ୍ତି। ଏମିତି ଅନେକ ବ୍ୟବସ୍ଥାରେ ହୁଏ ଶବସଂସ୍କାର । ଏହି ସଂସ୍କାର କାହିଁ କେଉଁକାଳରୁ ପୁଅମାନେ ସମାପନ କରି ଆସୁଥିବାବେଳେ କେଉଁଠି କେଉଁଠି ଝିଅମାନେ ବି ମୁଖାଗ୍ନି ଦେବାର ନଜିର ଦେଖିବାକୁ ମିଳେ...

୩
ପ୍ରଚ୍ଛଦ ପ୍ରସଙ୍ଗ

ସିନେମା
୮/୯

୧୩
ସହରରୁ ଦୂର



# ଘରେ କ'ଣ ରଖିଲେ ବଢ଼ିଥାଏ ଧନ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଉତ୍ତର ତଥା ଉତ୍ତର-ପୂର୍ବ ଦିଗ ସହ ଆର୍ଥିକ ଅଭିବୃଦ୍ଧିର ଅନେକ କିଛି ସମ୍ବନ୍ଧ ରହିଛି। ତେଣୁ ଏହି ଦିଗଗୁଡ଼ିକରେ କ'ଣ ରଖିଲେ ବା କି ବାସ୍ତୁ ଉପଚାର କଲେ ଘରେ ସମୃଦ୍ଧି ବୃଦ୍ଧି ପାଇବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

➤ଧନ ଓ ସମୃଦ୍ଧିର ଦେବତା କୁବେର ହେଉଛନ୍ତି ଉତ୍ତର ଦିଗର ସ୍ୱାମୀ। ସେଥିପାଇଁ ଘରର ଆଲମିରା ତଥା ଟ୍ରେଜେରିକୁ ଏହି ଦିଗରେ ରଖିବା ଦ୍ୱାରା ଘରେ କେବେ ବି ଧନର ଅଭାବ ଦେଖାଯାଇ ନ ଥାଏ।

➤ସେହିପରି ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗରେ ଯଦି ନୀଳ ରଙ୍ଗର କୌଣସି ଏକ ଆର୍ଟିଫିସିଆଲ୍ ପିରାମିଡ୍‌କୁ ରଖି ଦିଆଯାଏ,



ତା'ହେଲେ ଏହା ଧନବୃଦ୍ଧି କରିବାରେ ସହାୟକ ହୋଇଥାଏ। ପିରାମିଡ୍ ନ ମିଳିଲେ ତା'ପରିବର୍ତ୍ତେ ଆପଣ ଚାହିଁଲେ ଏହି ଦିଗର କାନ୍ଥକୁ ନୀଳ ରଙ୍ଗରେ ପେଣ୍ଟିଂ ବି କରିପାରିବେ।

➤ତା'ଛଡ଼ା ଉତ୍ତର ଦିଗରେ କାଚର ବାଉଲ୍‌ରେ କିଛି ରୁପା କଏନ୍ ଭର୍ତ୍ତି କରି ରଖିଲେ ଘର ଉପରେ ମା' ଲକ୍ଷ୍ମୀଙ୍କର କୃପା ଦୃଷ୍ଟି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

➤ସେହିପରି ଆପଣ ଚାହିଁଲେ ଘରର ଉତ୍ତର-ପୂର୍ବ ଦିଗରେ ଭଗବାନ ଗଣେଶ ଓ ମା' ଲକ୍ଷ୍ମୀଙ୍କର ମୂର୍ତ୍ତି ରଖି ସେଠାରେ ଦିନରେ ଥରେ ହେଉନା କାହିଁକି ଦୀପଟିଏ ଜଳାଇ ପାରିବେ। ତା'ସହିତ ସେହି ସ୍ଥାନର ସଫାସୁତୁରା ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ଦେଲେ ଘରେ କେବେ ଟଙ୍କା ପଇସା ଅଭାବ ଦେଖାଯାଇ ନ ଥାଏ ବୋଲି ବିଶ୍ୱାସ କରାଯାଇଥାଏ।

-ଅନ୍ୟପକ୍ଷେ ଘରର ଉତ୍ତର ଦିଗରେ ଅଁଳା କିମ୍ବା ତୁଳସୀ ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୭-୧୩

**ମେଷ**
ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ଘର ସାଜସଜ୍ଜା କରିବେ, ସମ୍ପର୍କୀୟ ବନ୍ଧୁଙ୍କ ସାହାଯ୍ୟ ପାଇବେ, ପାରିବାରିକ ତିକ୍ତତାର ସମାପ୍ତି ଘଟିବ, ଅର୍ଥ ଉପାର୍ଜନରେ ସଫଳ, କାର୍ଯ୍ୟସିଦ୍ଧିରୁ ଆତ୍ମତୃପ୍ତି, ସହକର୍ମୀମାନଙ୍କ ସହଯୋଗ।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟା, ଭାବପ୍ରବଣତାରୁ ମନସ୍ତାପ, ଚଳଚ୍ଚିତ୍ରରେ ସମସ୍ୟାର ସମାଧାନ, ବିବାଦୀୟ ପରିସ୍ଥିତିର ମୁକାବିଲା, ଦୂରଯାତ୍ରାର ମସୁଧା କରିବେ ।

**ମିଥୁନ**
କାର୍ଯ୍ୟସିଦ୍ଧିରେ ସମସ୍ୟା, ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ସଙ୍ଗଦୋଷ ପାଇଁ ସମାଲୋଚନା, ଅତିଥି ସେବାର ସୁଯୋଗ, ବନ୍ଧୁଙ୍କ ଆଚରଣରେ ସନ୍ଦେହ।

**କର୍କଟ**
କର୍ମକ୍ଷେତ୍ରରେ ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥସଙ୍କଟରୁ କାର୍ଯ୍ୟସ୍ଥଗିତ, ମିଥ୍ୟା ଗୁଜବରୁ ମନସ୍ତାପ, ମାଲିମକଦ୍ଦମାରେ ବିଜୟ, ଉଚ୍ଚସ୍ତରରୁ ସମ୍ମାନିତ ହେବେ, ବାଦବିବାଦରେ ଆପୋସ ସମାଧାନ।

**ସିଂହ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମନୋରଞ୍ଜନରେ ଆଗ୍ରହ, ପେଟରୋଗର ସମସ୍ୟା, ନୂତନ ନିଯୁକ୍ତିର ସୁଯୋଗ, ବିବାଦୀୟ ଘଟଣାର ସମାଧାନ, ଜମାରାଶି ପାଇବେ।

**କନ୍ୟା**
ସମ୍ପର୍କୀୟଙ୍କ ସହ ମିତ୍ରତା, ଯୋଗାଣ କାରବାରରେ ଉନ୍ନତି, ମାଙ୍ଗଳିକ କାମରୁ ଆନନ୍ଦ, ମାନସିକ ଆବେଗ କମିବ, ପୁରୁଣାରୋଗରେ ପୀଡ଼ା ବୃଦ୍ଧି, ଦୁଃସାହସିକ ପଦକ୍ଷେପରୁ କାର୍ଯ୍ୟସିଦ୍ଧି, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି।

**ତୁଳା**
ବନ୍ଧୁ ମିଳନରୁ ଆନନ୍ଦ, ଭ୍ରମଣ ସୁଯୋଗ ଜୁଟିବ, ଯାତ୍ରାରେ ବିପଦ ଆଶଙ୍କା, ଶିକ୍ଷାରେ ସଫଳତା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ସମସ୍ୟାର ମୁକାବିଲା, ଯାନବାହନରେ ସତର୍କତା ବିଧେୟ, ପରିବହନରେ ଉନ୍ନତି, ସମ୍ପର୍କହାନି ଘଟିପାରେ।

**ବିଛା**
ନୂତନ ଯାନବାହନ କ୍ରୟ, ସାମାଜିକ ସ୍ତରରେ ପ୍ରତିଷ୍ଠା, ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବ, ନିଃସଙ୍ଗତା ବୋଧକରିବେ, ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ, ପରିବାରରୁ ସହଯୋଗ, ନୈରାଶ୍ୟ ଅପସରି ଯିବ, ଶାନ୍ତି ଓ ସ୍ଥିରତା ଫେରିବ।

**ଧନୁ**
ସହକର୍ମୀଙ୍କ ଉଦାରତା, ବନ୍ଧୁଙ୍କୁ ଭେଟିପାରନ୍ତି, ନିଜ କାମରେ ଅବହେଳା, ପାରିଶ୍ରମିକ କମ୍ ପାଇବେ, ସମସ୍ୟା ସମାଧାନ ହେବ, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିରେ ସଫଳତା, ଶତ୍ରୁ ଉପଦ୍ରବ କମିବ, ମାଙ୍ଗଳିକ କାର୍ଯ୍ୟ କରିବେ।

**ମକର**
ସମସ୍ୟାର ସମାଧାନ, ଯୋଜନା ସମ୍ପୂର୍ଣ୍ଣ ହେବ, ପଡ଼ୋଶୀଙ୍କ ସୁପରାମର୍ଶ, ଯାନବାହନରେ ସମସ୍ୟା, ନିର୍ମାଣରେ ବିବାଦ, ଲୋକ ସମ୍ପର୍କ ବୃଦ୍ଧି, ପଡ଼ୋଶୀଙ୍କ ପ୍ରତିବାଦର ସ୍ୱର, ବୃତ୍ତିଗତ ଧନ୍ଦା ମାନ୍ଦା ହେବ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ**
ମିତ୍ର ବନ୍ଧୁ ଜୁଟିବେ, ଅନୁକୂଳପରିବେଶ ସୃଷ୍ଟି, ତର୍କ ଓ ବିବାଦ ବଢ଼ିବ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗରୁ ଚିନ୍ତା, ଧର୍ମକାର୍ଯ୍ୟରେ ସମସ୍ୟା, ଆର୍ଥିକ ଦୁରବସ୍ଥା, କଚେରି ମାମଲାରେ ବାଇଦା, ବାଣିଜ୍ୟର ଅଭିବୃଦ୍ଧି, ତୀର୍ଥାଟନ କରିପାରନ୍ତି।

**ମୀନ**
ମାଙ୍ଗଳିକ କାର୍ଯ୍ୟ ପାଇଁ ତତ୍ପରତା, ପ୍ରତିକୂଳ ପରିସ୍ଥିତିର ଚାପ, ବୁଝାମଣା ଠିକ୍ ରହିବ, ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବରଟି ପାଇବେ, ପକ୍ଷପାତିତାରୁ ସମାଲୋଚନା, କାମ ଅଟକିବ ନାହିଁ, ପାରିବାରିକ ଶାନ୍ତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା।

# ମେଣ୍ଢା ଦେହରୁ ବାହାରିଲା ୩୫ କି.ଗ୍ରା. ଲୋମ

ଅଷ୍ଟ୍ରେଲିଆ ଜଙ୍ଗଲରୁ ଏଇ କିଛିଦିନ ତଳେ ବରାକ ନାମକ ଏକ ମେଣ୍ଢାକୁ ଉଦ୍ଧାର କରାଯାଇଥିଲା, ଯାହାର ଦେହସାରା ଏତେ ପରିମାଣରେ ଲୋମ ଭର୍ତ୍ତି ହୋଇ ରହିଥିଲା ଯେ ଦେଖିଲେ ଲାଗୁଥିଲା ସତେ ଯେମିତି ତାହା ଏକ ମେଣ୍ଢା ନୁହେଁ ବରଂ ଲୋମଭର୍ତ୍ତି ଏକ ବିରାଟକାୟ ପେଣ୍ଡୁ। ଏହି ମେଣ୍ଢାଟିକୁ ଜଙ୍ଗଲରେ ଏଣେତେଣେ ବୁଲୁଥିବାର କେତେକ ଲୋକ ପ୍ରଥମେ ଦେଖିଥିଲେ। ଦେହରେ ଅତ୍ୟଧିକ ଲୋମ ହୋଇଯାଇଥିବା ଯୋଗୁ ମେଣ୍ଢାଟି ନିଜ ଶରୀରର ଓଜନକୁ ସମ୍ଭାଳିବାକୁ ଅସମର୍ଥ ହେଉଥିବା ଲକ୍ଷ୍ୟ କରି ସେମାନେ ତାକୁ ଆଣି ନିକଟସ୍ଥ ପ୍ରାଣୀ ଉଦ୍ଧାର କେନ୍ଦ୍ରରେ ଛାଡ଼ିଥିଲେ। ପରେ ସେଠାରେ ତା'ର ଲୋମ କଟାଯିବାରୁ ତାହା ପ୍ରାୟ ୩୫ କି.ଗ୍ରା. ଓଜନ ହୋଇଥିଲା, ଯାହା ସମସ୍ତଙ୍କୁ ଚକିତ କରି ଦେଇଥିଲା। ତେଣୁ ଉକ୍ତ ଉଦ୍ଧାର କେନ୍ଦ୍ର ତରଫରୁ ମେଣ୍ଢାର ଲୋମକୁ ନେଇ କିଛିଟା ପରୀକ୍ଷା କରାଗଲା, ଆଉ ସେହିଥିରୁ ଜଣାଗଲା ଯେ ପାଖାପାଖି ୫ ବର୍ଷ ହେବ ଏହି ମେଣ୍ଢାଟିର ଲୋମ ଆଦୌ କଟାଯାଇନାହିଁ। ହୁଏତ ମେଣ୍ଢାଟି ଛୋଟ ଥିଲାବେଳେ କୌଣସି କାରଣବଶତଃ ଜଙ୍ଗଲରେ ହଜିଯାଇଥିଲା, ଆଉ ଯେଉଁଥିପାଇଁ ତା'ର ଏପରି ଅବସ୍ଥା ହୋଇଥିଲା ବୋଲି



ଉକ୍ତ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ତା'ସହିତ ସେମାନେ ଏକଥା ମଧ୍ୟ କହିଛନ୍ତି, ଅତ୍ୟଧିକ ଲୋମ ଯୋଗୁ ବରାକକୁ ଚାଲିବାରେ ଯେଉଁ ଅସୁବିଧା ହେଉଥିଲା ଲୋମ କଟାଯିବା ପରେ ସେ ଏବେ ସୁସ୍ଥ ଅଛି।

# ପାଠକୀୟ

➧ଚିଠି ! ଯେଉଁ ନାଁର ଉଚ୍ଚାରଣରେ ହସ ଖେଳିଯାଏ ଓଠରେ। ଯିଏ ଦିନେ ସମ୍ପର୍କ ଯୋଡ଼ିବାର ଥିଲା ମାଧ୍ୟମ। ଏବେ ସେ ସମ୍ପର୍କଠାରୁ ଦୂରେଇ ଯାଇ କେବଳ ଜରୁରୀ କାମର ମାଧ୍ୟମ ହୋଇ ରହିଯାଇଛି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଚିଠି' ଏକ ସୁନ୍ଦର ଆଲେଖ୍ୟ ଥିଲା। 'କେଉଁ ଦିଗକୁ ମୁହଁ କରି ଖାଇବେ' ପାଠଟିରୁ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

**-ରାକେଶ ବଳିୟାର ସିଂ, ସୁନ୍ଦରଗଡ଼**

➧ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଚିଠି' ଏକ ଶିକ୍ଷଣୀୟ ବିଷୟ ହେବା ସହ ବେଶ୍ ତଥ୍ୟପୂର୍ଣ୍ଣ ହୋଇପାରିଥିଲା। 'ଲମ୍ବା ବସ୍'ର ଫଟୋଟି ଦେଖିଲା ପରେ ଆଶ୍ଚର୍ଯ୍ୟ ହୋଇଗଲି ଯେ, ସତରେ ଏତେ ଲମ୍ବା ବସ୍ ଥାଇପାରେ ବୋଲି। ସେହିପରି 'ଫ୍ୟାଶନେବଲ୍ ପୋଟ୍‌ଲି ବ୍ୟାଗ୍' ପାଠଟିରୁ ଅନେକ ଆକର୍ଷଣୀୟ ପୋଟ୍‌ଲି ବ୍ୟାଗ୍ ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

**-ପ୍ରିୟଙ୍କା ମିଶ୍ର, ମାଟିତୋଟା, ପୁରୀ**

➧'ଫ୍ୟୁଜନ୍ ଡିଶ୍' ପାଠଟିରୁ କିଛି ନିଆରା ତଥା ସ୍ୱାଦଯୁକ୍ତ ଖାଦ୍ୟ ବିଷୟରେ ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ରିପୋର୍ଟର' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ହେବା ସହ ଏଥିରେ ସ୍ଥାନ ପାଇଥିବା 'ଆଶୁତୋଷଙ୍କ ପ୍ରଶଂସାରେ ହ୍ରିତିକ୍', 'ତାପସୀ ଯାହା ଚାହୁଁଥିଲେ' ଏବଂ 'ମିଳିଗଲେ ଡାର୍ଲିଂ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ଚମତ୍କାର ଥିଲା। **-ଜୟନ୍ତ ରଥ, ଆଳି, କେନ୍ଦ୍ରାପଡ଼ା**

➧ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଜିଲା କ୍ରୀଡ଼ା ଅଧିକାରୀ ଲଳିତେନ୍ଦୁ ମହାନ୍ତିଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ମନଛୁଆଁ ହୋଇପାରିଥିଲା। ତା'ସହିତ ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି 'ସୌଭାଗ୍ୟ ଆଣିପାରେ ଗଛ' ପାଠଟିରୁ ଏମିତି ଅନେକ ଉପକାରୀ ଗଛ ସମ୍ପର୍କରେ ଜାଣିହେଲା, ଯାହାକୁ ଘରେ ଲଗାଇବା ଦ୍ୱାରା ପରିବେଶ ସ୍ୱଚ୍ଛ ରହିବା ସହ ଘରର ସୌଭାଗ୍ୟ ମଧ୍ୟ ବୃଦ୍ଧି ହୋଇପାରିବ।

**-ରଶ୍ମିରେଖା ତ୍ରିପାଠୀ, ପଳାଶୁଣୀ, ଭୁବନେଶ୍ୱର**

➧ମଡେଲ୍ ମିରର୍‌ରେ ଜାକ୍ଲିନ୍ ବେଶ୍ ସୁନ୍ଦରୀ ଲାଗୁଥିଲେ। ତା'ସହିତ ପବିତ୍ର ଜୈନ ସ୍ଥଳୀ ପାଲିତାନା ମନ୍ଦିର ସମ୍ପର୍କରେ ଅନେକ ଅଜଣା କଥା ସହର ପୃଷ୍ଠାରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ବନ୍ଧୁକରୁ ବାଦ୍ୟ ଯନ୍ତ୍ର', '୫୦୦୦ ଟଙ୍କିଆ ପାନ' ଏବଂ ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୪ ଗୁଣ ଲମ୍ବା ଜିଭ', 'ପ୍ରକୃତି ଭରୁଛି ରଙ୍ଗ' ଓ 'ଏହି ଲଙ୍କା ଖାଇଲେ ହୋଇପାରେ ମୃତ୍ୟୁ' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

**-ଲକ୍ଷ୍ମୀପ୍ରିୟା ସାହୁ, ଚଣ୍ଡୀଗଡ଼**

## ବିଶେଷ ଚିଠି




ଛୁଟିଦିନ ଆହେ ଛୁଟିଦିନ
ଧରିତ୍ରୀର ତୁମେ ଅବଦାନ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
ମନ ମୋହିନିଏ ପୁଣି ସାଥୀର ଉତ୍ତର।
ସେଲିବ୍ରିଟିଙ୍କ କଥା ଜାଣୁ ସିନେମା ପୃଷ୍ଠାରୁ
ନୂଆ ନୂଆ ସ୍ଥାନ ଜାଣୁ ସହରଠୁ ଦୂରୁ।
ଛୁଟିଦିନର ପ୍ରତିଟି ପୃଷ୍ଠା ଲାଗେ ବଢ଼ିଆ
ସମସ୍ତଙ୍କୁ ବାନ୍ଧି ରଖେ କରି କିମିଆ।

**-ବୈତାରୀ ମିଶ୍ର, ଚନ୍ଦନପୁର, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





ଗୀତାଞ୍ଜଳି

# ମହିଳା ଓ ମୁଖାଗ୍ନି



**ଦେହାନ୍ତ ପରେ ମରଶରୀରକୁ କିଏ କବର ଦିଅନ୍ତି ତ କିଏ ଅଗ୍ନିରେ ଦାହ କରନ୍ତି। ଏମିତି ଅନେକ ବ୍ୟବସ୍ଥାରେ ହୁଏ ଶବସଂସ୍କାର । ଏହି ସଂସ୍କାର କାହିଁ କେଉଁକାଳରୁ ପୁଅମାନେ ସମାପନ କରି ଆସୁଥିବାବେଳେ କେଉଁଠି କେଉଁଠି ଝିଅମାନେ ବି ମୁଖାଗ୍ନି ଦେବାର ନଜିର ଦେଖିବାକୁ ମିଳେ...**





ମଧୁମିତା

ମହାଯାଏ ସଂସାରରେ ଯିଏ ଜନ୍ମ ନେଇଛି ତା'ର ମୃତ୍ୟୁ ସୁନିଶ୍ଚିତ। ଦେହାନ୍ତ ପରେ ମରଶରୀରକୁ କିଏ କବର ଦିଅନ୍ତି ତ କିଏ ଅଗ୍ନିରେ ଦାହ କରନ୍ତି। ଏମିତି ଅନେକ ବ୍ୟବସ୍ଥାରେ ହୁଏ ଶବସଂସ୍କାର। ଆଉ ଏହି ସଂସ୍କାର କାହିଁ କେଉଁକାଳରୁ ପୁଅମାନେ ସମାପନ କରି ଆସୁଛନ୍ତି। କାରଣ କେତେକଙ୍କ ଭିତରେ ବିଶ୍ୱାସ ରହିଛି ଯେ, ପୁଅ ମୁଖାଗ୍ନି ଦେଲେ କୁଆଡ଼େ ଆତ୍ମାକୁ ସଦ୍‌ଗତି ପ୍ରାପ୍ତ ହୁଏ। ତେବେ ସମୟକ୍ରମେ ଏହି ଧାରାରେ ଆସିଛି ପରିବର୍ତ୍ତନ। ଆଉ ଅନେକ ସ୍ଥାନରେ ଝିଅମାନେ ବି ମୁଖାଗ୍ନି ଦେଉଥିବା ଦେଖାଯାଉଛି।

**ଘଟଣା:୧:** ସେଦିନ ଥିଲା ମେ ୩ ତାରିଖ, ୨୦୨୦ ମସିହା। ନିଶାର୍ଦ୍ଧ ରାତି। ସ୍ଥାନ ପୁରୀ ସ୍ୱର୍ଗଦ୍ୱାର। ଜଣେ ମହିଳା ବାମ ହାତରେ ଏକ ଫଟୋ, ଡାହାଣ ହାତରେ ମୁଖାଗ୍ନି ପାଇଁ ନିଆଁ ଧରି ଜୁଇ କାଠରେ ଶୁଆଇ ଦିଆଯାଇଥିବା ଜଣେ ମୃତକଙ୍କ ଶରୀରରେ ଦେଉଥିଲେ ମୁଖାଗ୍ନି। ସେହି ଦୃଶ୍ୟ ଦେଖି ମନେହେଉଥିଲା ଯେମିତି କି ସେ ଧରିଥିବା ଫଟୋ ହିଁ ଦେଉଛି ମୁଖାଗ୍ନି। ଯେଉଁଠି ଦିନ ରାତି ଅନେକ ସଂସ୍କାର ହୁଏ ସେଠି ଏହି ଦୃଶ୍ୟ ଥିଲା ଭିନ୍ନ ଓ ବେଶ୍ ହୃଦୟ ବିଦାରକ। ସେହି ମହିଳା ଥିଲେ ଅମିୟବାଳା ପରିଡ଼ା। ଜଣେ ଅଧ୍ୟାପିକା। ସ୍ୱାମୀ ଓ ଏକମାତ୍ର ପୁଅ ଗିରିଜାକୁ ନେଇ ତାଙ୍କ ଛୋଟ ସଂସାର ଚାଲିଥିଲା ଖୁବ ଖୁସୀରେ। ସେ କୁହନ୍ତି, 'ଆମ ଘର ନୟାଗଡ଼ରେ। ରେଭେନ୍ସାରେ ପିଜି କରିବାପରେ ୨୦୦୦ମସିହାରେ ନାଭାଲ ଅଫିସର୍ ଚଣ୍ଡିପ୍ରସାଦ ବାଗଙ୍କ ସହ ମୋର ବାହାଘର ହୁଏ। ୨୦୦୧ରେ ମୋର ପୁଅ ହେଲା। କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ। ୨୦୦୨ମସିହାରେ ମୋର ସ୍ୱାମୀ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରାୟ ୧୮ଦିନ କୋମାରେ ରହିଲେ। ପରେ କିନ୍ତୁ ସେ ସୁସ୍ଥ ହୋଇଯାଇଥିଲେ। ୨୦୧୦ ମସିହାର କଥା। ଥରେ ସେ ତାଙ୍କ ଗାଁ ଛତିଆ ଯିବାକୁ ବାହାରିଲେ। ଆମେ ମାଆପୁଅ ଭୁବନେଶ୍ୱରରେ ରହିଥାଉ। ସେ ମଟନ୍ ଆଣିଦେଇ କହିଲେ, ମୁଁ ଗାଁରୁ ଆସିଲେ ଖାଇବା। ଘରେ ଅପେକ୍ଷାରେ ରହିଥାଉ ହଠାତ୍ ଫୋନ ଆସିଲା ତାଙ୍କର ଆକ୍ସିଡେଣ୍ଟ ହୋଇଛି। ହେଲେ ଡାକ୍ତର କହିଲେ ତାଙ୍କର ବ୍ରେନ ଷ୍ଟ୍ରୋକ ହୋଇଛି। ଘର ଲୋକ ଆମ୍ବୁଲାନ୍ସରେ କଟକ ନେଇ ଆସିଥିଲେ। ମାତ୍ର ଡାକ୍ତର କହିଲେ ଏମିତି କେସରେ ଭଲହୋଇ ବଞ୍ଚିବା ପ୍ରାୟ ୯୯ପ୍ରତିଶତ ଅସମ୍ଭବ। ଏହା ପରେ ତାଙ୍କୁ ଆପୋଲୋ ନେଇ ଆସିଲୁ। ସେଠାରେ କିଛିଦିନ ରହିଲୁ। ସେଇ କୋମା ଅବସ୍ଥାରେ ତାଙ୍କୁ ଘରକୁ ଫେରାଇ ଆଣିଲୁ। ଘରେ ତାଙ୍କ ସେବା ଯତ୍ନ କରୁଥାଏ। ଯେତେବେଳେ ତାଙ୍କର ପାଟି ଖୋଲିଲା ସେ ମୋତେ ମା' ବୋଲି ଡାକିଲେ । ସେ ମୋର ସ୍ୱାମୀ ନୁହେଁ, ମୋର ପୁଅ, ଆସ୍ତେ ଆସ୍ତେ ଏଇ ଭାବନା ମୋ ଭିତରେ ଆସିଯାଇଥିଲା। ସେଇ ବେଡ଼ରେ ହିଁ ତାଙ୍କର ସବୁକିଛି ସେବା ଶୁଶ୍ରୂଷା କରିବାକୁ ପଡୁଥାଏ। ସେ ପୁଅକୁ ଦେଖି ଖୁସୀ ହୁଅନ୍ତି। ତାଙ୍କୁ

→








ସଂଯୁକ୍ତା



ଛୋଟଭାଇ ବୋଲି ଡାକନ୍ତି । ସମ୍ପୂର୍ଣ୍ଣ କଥା କହିପାରୁ ନ ଥିଲେ । ଏହାରି ଭିତରେ ୨୦୧୯ ମେ ୨୫ ତାରିଖ ଦିନ ବରମୁଣ୍ଡା ଓଭରବ୍ରିଜ ଉପରେ ମୋ ପୁଅ ଏକ ଆକ୍ସିଡେଣ୍ଟରେ ଆମକୁ ଛାଡ଼ି ଚାଲିଗଲା । କିନ୍ତୁ ତା' ବାପାଙ୍କୁ ଏ ବିଷୟରେ କିଛି କହି ନ ଥାଏ । ସେ ସବୁବେଳେ ପୁଅକୁ ସାନଭାଇ କହି ଖୋଜୁଥିଲେ । ଦେହକୁ ପଥରକରି ତାଙ୍କ ନିକଟରେ ଖୁସୀର ଅଭିନୟ କରିବାକୁ ପଡୁଥିଲା । ସେ ଯେତେବେଳେ ପଚାରନ୍ତି ଛୋଟଭାଇ କୁଆଡ଼େ ଗଲା ଭୋ ଭୋ ହୋଇ ମୁହଁ ଲୁଚାଇ କାନ୍ଦେ । କିନ୍ତୁ ପୁଅ ମରିବାର ବର୍ଷେ ହେବାକୁ ଆଉ କେତେଦିନ ବାକି ଅଛି ସେ ବି ଚାଲିଗଲେ । ଘଟଣାଟି ୨୦୨୦, ମେ ୩ ତାରିଖର । ସେତେବେଳେ ମୋ ପାଖରେ କେବଳ ମୋ ବଡ଼ଭଉଣୀ ଥାଏ । ପୁରୀ ସ୍ୱର୍ଗଦ୍ୱାରରେ ସ୍ୱାମୀଙ୍କ ଶବକୁ ସଂସ୍କାର ପାଇଁ ନିଆଗଲା । ଏଠାରେ ମୁଁ ମୋ ପୁଅ ଗିରିଜାର ଏକ ଫଟୋକୁ ହାତରେ ଧରିଥାଏ, ଆରହାତରେ ମୁଖାଗ୍ନି । ଏମିତିରେ ବାହ୍ମଣ କହିଲେ, ତମେ ମୁଖାଗ୍ନି ଦେବ କିନ୍ତୁ ଲୁହ ଗଡ଼ାଇବ ନାହିଁ । ଶେଷରେ ସ୍ୱାମୀଙ୍କୁ ମୁଖାଗ୍ନି ଦେଇଥିଲି । ଏବେ ସ୍ୱାମୀ ଓ ପୁଅର ସ୍ମୃତି ଉଦ୍ଦେଶ୍ୟରେ ଏକ ସେବାସଂସ୍ଥା କରିଛି । ଅନ୍ୟର ସେବା କରି ସେମାନଙ୍କ ପାଖରେ ଥିଲା ପରି ମନେକରୁଛି । ଆଉ ଯେବେ ବରମୁଣ୍ଡା ଓଭରବ୍ରିଜ ପାର ହୁଏ ପୁଅକଥା ମନେ ପଡ଼ିଯାଏ । ଛାତି ଭିତରଟା କୋହରେ ଫାଟି ପଡ଼ିଲାପରି ଲାଗେ ।

**ଘଟଣା–୨:** ମାଲକାନଗିରି ଜିଲାର ସଦର ୧୧୯ କଲୋନୀରେ ସ୍ତ୍ରୀ କାମିନୀ ଓ ତିନି ଝିଅଙ୍କ ସହ ରୁହନ୍ତି ସୁକାନ୍ତ କୁମାର ପଟ୍ଟନାୟକ । ସୁକାନ୍ତ ଏକ ସାଇକେଲ ରିପେୟାରିଂ ଦୋକାନ କରି ପରିବାର ଚଳାଇଥାନ୍ତି । ମାତ୍ର ଥରେ ତାଙ୍କୁ ଅଣ୍ଡାଜ୍ୱର ହେବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ । ସମୟକ୍ରମେ ୧୮ ଜୁଲାଇ ୨୦୧୯ରେ ତାଙ୍କର ମୃତ୍ୟୁ ଘଟିଥିଲା । ସୁକାନ୍ତଙ୍କ ସାନଝିଅ ସଂଗୀତା କୁହନ୍ତି, ବାପାଙ୍କ ମୃତ୍ୟୁ ପରେ ଆମେ ଅସହାୟ ହୋଇପଡ଼ିଥିଲୁ । ଆମର କେହି ଭାଇ ନ ଥିଲେ । ପୂର୍ବରୁ ବାପା ବି କୁହନ୍ତି, ତମେମାନେ ମୋର ପୁଅପରି । ମୋର ଯେବେ କିଛି ଅସୁବିଧା ହୁଏ ଅଣ ଦେଖାକରିବ ନାହିଁ । ହେଲେ ଏପରି ଦୁଃଖଦ ପରିସ୍ଥିତିରେ କିଏ ମୁଖାଗ୍ନି ଦେବ ଏପରି ଚିନ୍ତା ସମସ୍ତଙ୍କୁ ଘାରିଥିଲା । ତେବେ ଆମେ ତିନି ଭଉଣୀ ବାପାଙ୍କ ମୃତଦେହକୁ କାନ୍ଧଦେବା ସହିତ ଅନ୍ୟସମସ୍ତ ଶୁଦ୍ଧିକ୍ରିୟାକର୍ମ କରିପାରିବୁ ବୋଲି ନିଷ୍ପତ୍ତି ନେଇଥିଲୁ । ଏହାପରେ ବାପାଙ୍କ ମରଶରୀରକୁ କୋକେଇରେ କାନ୍ଧେଇ ମାଲକାନଗିରିର ରାସ୍ତାରେ ଚାଲିଚାଲି ଯାଇ ମଶାଣିରେ ପହଞ୍ଚିଥିଲୁ । ଏଠାରେ ମୁଖାଗ୍ନି ଦେଇଥିଲୁ ।

**ଘଟଣା ୩–:** ପୁଅଙ୍କ ପରି ଝିଅ ମଧ୍ୟ ଅନେକ କିଛି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇପାରନ୍ତି । ଯେମିତି କି ମାଲକାନଗିରି ଜିଲାର ସଦର ମହକୁମାସ୍ଥିତ ପ୍ରଧାନୀଗୁଡ଼ା ଗାଁରେ ଘଟିଛି ଏକ ଘଟଣା । ଏହି ଗ୍ରାମର ସତ୍ୟନାରାୟଣ ନାୟକଙ୍କର ସ୍ତ୍ରୀ ଓ ୩ଝିଅଙ୍କୁ ନେଇ ତାଙ୍କ ସଂସାର । ଜମିବାଡ଼ି ବିଶେଷ କିଛି ନାହିଁ । କେବଳ ଘରଟିଏ ଅଛି । ସତ୍ୟ ଅଟୋ ଚଳାଇ ଯାହା କିଛି ରୋଜଗାର କରନ୍ତି ସେଥିରେ ହିଁ ପରିବାର ଚଳାନ୍ତି । ତାଙ୍କର ବଡ଼ ଝିଅ ସଂଯୁକ୍ତା କୁହନ୍ତି– ସେଦିନ ଥିଲା ୬ ଫେବୃୟାରୀ ୨୦୨୧ମସିହା । ଏକ ସଡ଼କ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ଘଟିଥିଲା । ହେଲେ ଆମର କେହି ଭାଇ ନ ଥିଲେ । ବାପାଙ୍କୁ କିଏ ମୁଖାଗ୍ନି ଦେବେ ସେ ନେଇ ପରିବାର ଲୋକଙ୍କ ମଧ୍ୟରେ ଚିନ୍ତା ଘାରିଥିଲା । ମାତ୍ର ମୁଁ ମୋ ବାପାଙ୍କ ମରଶରୀରରେ ମୁଖାଗ୍ନି ଦେବା ପାଇଁ ଦୃଢ଼ ନିଷ୍ପତ୍ତି ନେଇ ମଶାଣିରେ ଅନ୍ୟସବୁ ରୀତିନୀତି କାର୍ଯ୍ୟକରିବା ସହିତ ବାପାଙ୍କ ମରଶରୀରରେ ମୁଖାଗ୍ନି ଦେଇଥିଲି ।

**ଘଟଣା–୪:** ସେଦିନ ଥିଲା ବିଶ୍ୱ ମହିଳା ଦିବସ । ଚାରିଆଡ଼େ ଚାଲିଥାଏ ବିଭିନ୍ନ କାର୍ଯ୍ୟକ୍ରମ । କିନ୍ତୁ ବରଗଡ଼ ଜିଲା ଆମ୍ବାପଲିରେ ଦେଖିବାକୁ ମିଳିଥିଲା ଏକ ନିଆରା ଦୃଶ୍ୟ । କେତେ ଜଣ ମହିଳା ଏକ କୋକେଇରେ ଏକ ଶବକୁ ବୋହି ନେଉଥିଲେ ମଶାଣି ଭୂମିକୁ । ତେବେ ଘଟଣାଟି ଥିଲା ଏମିତି–ଗତ କିଛିବର୍ଷ ତଳେ ବଲାଙ୍ଗୀର ଜିଲାରୁ ଆସି ବରଗଡ଼ ଜିଲାର ସଦର ୱାର୍ଡ ନଂ.– ୧୮ ଅଧୀନ ଆମ୍ବାପଲିରେ ରହୁଥିଲେ ଲକ୍ଷ୍ମଣ କଅଁର ଓରଫ ମାଖନୁ । ତାଙ୍କ ସହିତ ସ୍ତ୍ରୀ ଓ ୪ଝିଅ ରୁହନ୍ତି । ଲକ୍ଷ୍ମଣ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି । ଦିନେ ଲକ୍ଷ୍ମଣ ଏକ ଅଟୋରେ କାମ କରିବାକୁ ଯାଉଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ସେଠାରୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହା ପରେ ୮ମାର୍ଚ୍ଚ ୨୦୨୦ରେ ତାଙ୍କ ମରଶରୀର ଫେରିଥିଲା ଗାଁକୁ । ତାଙ୍କର କେହି ପୁଅ ନ ଥିବାବେଳେ ଏକ ମହିଳା ସମିତିର ସଦସ୍ୟାମାନେ ଲକ୍ଷ୍ମଣଙ୍କ ମରଶରୀରକୁ କାନ୍ଧରେ ବୋହି ନେଇଥିଲେ ମଶାଣିକୁ । ଏଠାରେ ମୃତ ଲକ୍ଷ୍ମଣଙ୍କ ବଡ଼ ଝିଅ ମନୀଷା ମୁଖାଗ୍ନି ଦେଇଥିଲେ । ମହିଳା ସମିତିର ସଭ୍ୟା ଶାନ୍ତି ମେହେର କୁହନ୍ତି– ଲକ୍ଷ୍ମଣ ଅନ୍ୟ ଜାତିର ଝିଅକୁ ପ୍ରେମବିବାହ କରିଥିବାରୁ ଗାଁରେ କେହି କାନ୍ଧ ଦେଇ ନ ଥିଲେ । ମାତ୍ର ଆମେ ମହିଳାମାନେ ତାଙ୍କୁ ସାହାଯ୍ୟ ପାଇଁ ଆଗେଇ ଆସିଥିଲୁ ।

**ଘଟଣା–୫:** ସମ୍ବଲପୁର ଝାଡୁଆପଡ଼ା ନିବାସୀ ଭାରତୀ ପଣ୍ଡା ତାଙ୍କ ସ୍ୱାମୀ ଦାମୋଦରଙ୍କୁ ମୁଖାଗ୍ନି ଦେଇ ଉଦାହରଣ ପାଲଟିଥିଲେ । ଏ ସମ୍ପର୍କରେ ଭାରତୀ କୁହନ୍ତି, ୧୯୫୩ମସିହା, ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ମୂଳବାସିନ୍ଦା କବି ଦାମୋଦର ଗାଁ ସ୍କୁଲରୁ ଶିକ୍ଷକତା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ସେ ବ୍ୟାଙ୍କ ଚାକିରିରେ ଯୋଗଦେଇଥିଲେ । କିଛିବର୍ଷ ହେବ ବିଭିନ୍ନ ଗଣମାଧ୍ୟମ ସହ ସେ ଜଡ଼ିତ ଥିଲେ । ୨୦୨୦, ଡିସେମ୍ବର ୨ ତାରିଖ ଅପରାହ୍ନ ୩ଟାରେ ହୃଦ୍‌ଘାତରେ ମୋ ସ୍ୱାମୀ ଦାମୋଦରଙ୍କ ୬୮ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା । ଏହି ଖବର ଶୁଣିବା ପରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିଲି । ପୁଅ ସୌମ୍ୟ ଦୁବାଇ ଆବୁଧାବୀରେ ଚାକିରି କରୁଥିବା ବେଳେ ଝିଅ ରେଶ୍ମା ଓ ମଧୁମିତା ଦିଲ୍ଲୀ ଓ କଲିକତାରେ ରହିଥାନ୍ତି । କୋଭିଡ୍ ସମୟରେ ସେମାନେ ଆସିବା ସମ୍ଭବପର ହୋଇ ନ ଥିଲା । ମୋର ମନରେ ମଧ ଇଚ୍ଛା ଥିଲା ଯେ, ସ୍ୱାମୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିଜେ କରିବି । ଠିକ୍ ଭାବେ ପୂଜାର୍ଚ୍ଚନା ଓ ରୀତିନୀତି କରାଯାଇ ଶବ ସତ୍କାର କରିବା ଚିନ୍ତା କରିଥିଲି । ତାଙ୍କର ଭାଇ ଓ ଅନ୍ୟ ପରିଜନ ମଧ ଖବର ପାଇ ପହଞ୍ଚିଥିଲେ । ସମ୍ବଲପୁର ରାଜଘାଟ (ସ୍ୱର୍ଗଦ୍ୱାର)କୁ ତାଙ୍କର ମୃତ ଶବ ସତ୍କାର ପାଇଁ ନିଆଯାଇଥିଲା । ପଣ୍ଡିତ ପୂଜାର୍ଚ୍ଚନା କରିବା ପରେ ହଠାତ୍ ମୁଖାଗ୍ନି କିଏ ଦେବେ ବୋଲି ପ୍ରଶ୍ନ କରିଥିଲେ । ସେ ସମୟରେ ଈଶ୍ୱର ମନରେ ସାହସ ଦେଲେ । ମୁଁ ନିଜେ ତାଙ୍କୁ ମୁଖାଗ୍ନି ଦେବି ବୋଲି କହିଥିଲି । ଆଜି ସେହି ଘଟଣାକୁ ମନରୁ ଭୁଲି ପାରୁନାହିଁ ।

**ଘଟଣା–୬:** ଉପସ୍ଥାପିକା ତଥା ଅଭିନେତ୍ରୀ ମଧୁମିତା ମହାନ୍ତି । ବାପା ଶରତଚନ୍ଦ୍ର ମହାନ୍ତି । ସେ ଜଣେ ଦକ୍ଷ ପ୍ରଶାସକ ଓ ଲେଖକଭାବେ ବେଶ୍ ପରିଚିତ । ୨୦୦୬ ମସିହା ମାର୍ଚ୍ଚ ୧୮ତାରିଖ । ଏହିଦିନ ଶରତଙ୍କର ଦେହାନ୍ତ ହୁଏ । ମଧୁମିତା କହନ୍ତି, ବାପାଙ୍କୁ ହରାଇବାର ଦୁଃଖ କେବି ବି ଭୁଲି ପାରିନି । ବାପାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର ପାଇଁ ନିଆଯାଇଥିଲା । ମୋର ଯେହେତୁ କେହି ଭାଇ ନ ଥିଲେ ମୁଁ ଚାହିଁଥିଲି ମୁଖାଗ୍ନି ଦେବା ପାଇଁ । ଯାହାହେଉ ମତେ ସେତେବେଳେ ଅନ୍ୟମାନଙ୍କ ସହଯୋଗ ମିଳିଥିଲା । ଏଭଳି ଦୁଃଖଦ ସମୟରେ ମୋ କର୍ତ୍ତବ୍ୟ ଓ ଦାୟିତ୍ୱକୁ ମୁଁ ତୁଲାଇ ପାରିଥିଲି ।

**ଘଟଣା–୭:** ସେ ଥିଲେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ଜଣେ ଭିନ୍ନମଣିଷ । ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନକୁ ଆଗକୁ ବଢ଼ାଇବାରେ ଥିଲେ ଅଗ୍ରଦୂତ । ସମାଜସେବାରେ ଦେବଶିଶୁ ଓ ଅସହାୟ ମହିଳାଙ୍କ ପାଇଁ ଗଢ଼ିଥିଲେ ନିଆରା ଶିକ୍ଷାଶ୍ରମ । ସେ ହେଲେ ରୁକ୍ମିଣୀ ଦେବୀ । ସମାଜସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଥିଲେ । କିନ୍ତୁ ତାଙ୍କର ଦେହାନ୍ତରେ ମୁଖାଗ୍ନି ଦେଇଥିଲେ ଜଣେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ । ସେ କୁହନ୍ତି, ପିଲାଟି ଦିନୁ ତାଙ୍କ ପାଖରେ ପଢ଼ିଛି । ପୁଣି ୧୯୯୮ରୁ ଏଯାଏ ତାଙ୍କ ଅନୁଷ୍ଠାନ ସହିତ ଜଡ଼ିତ । ଦୀର୍ଘ ୨୨ବର୍ଷ ଧରି ତାଙ୍କର ସେବା କରିବାର ସୁଯୋଗ ମିଳିଥିଲା । କିନ୍ତୁ ମୋ ପାଇଁ ସବୁଠୁ ଦୁଃଖଦ ଥିଲା ୨୦୨୦ ଅକ୍ଟୋବର

→


ମହିଳାସମିତିର ସଦସ୍ୟା


ସଂଯୁକ୍ତା ପାଣିଗ୍ରାହୀ


ସଂଗୀତା



୨୭ ତାରିଖରେ ବଡ଼ଗୁରୁମା ରୁକ୍ମିଣୀ ଦେବୀଙ୍କ ପରଲୋକ ଘଟଣା। ସେ ଦିନ ତାଙ୍କର ଜଣେ ଛାତ୍ର କମଳଲୋଚନଙ୍କଠାରୁ ହଠାତ୍ ଖବର ଶୁଣିଲି ବଡ଼ଗୁରୁମା ଆଉ ନାହାନ୍ତି। ତା'ପରେ ଚାରିଆଡ଼େ ଶୋକରଛାୟା ଖେଳିଗଲା। କିନ୍ତୁ କରୋନା ମହାମାରୀ ସମୟରେ ଚାରିଆଡ଼େ କଟକଣା। ଏହି ସମୟରେ ଅନେକ ଶିଷ୍ୟ ଦୂରରେ ରହିଥାନ୍ତି। ତେଣୁ ଗୁରୁମାଙ୍କ ଶବସଂସ୍କାର ପାଇଁ ଚିନ୍ତା ଘାରିଥିଲା। ତେବେ ମୁଖାଗ୍ନି ଦେବା ପାଇଁ ବରଦା ଗୁରୁମା ମତେ ଉତ୍ସାହିତ କରିଥିଲେ ଏବଂ ଡକ୍ଟର ଅରୁନ୍ଧତୀ ଦେବୀ କହିଥିଲେ। ପରେ ମୁଁ ମୁଖାଗ୍ନି ଦେଇ ଆତ୍ମସନ୍ତୋଷ ଲାଭ କରିଛି।

**ଘଟଣା-୮:** ପଦ୍ମଶ୍ରୀ ଡି. ପ୍ରକାଶରାଓ। ଦୁଃଖୀରଙ୍କଙ୍କ ସେବାରେ ଯାହାଙ୍କ କଟୁଥିଲା ଦିନ। ତାଙ୍କ ଦେହାନ୍ତରେ ତାଙ୍କ ସାନଝିଅ ଡି. ଭାନୁପ୍ରିୟା ଦେଇଥିଲେ ମୁଖାଗ୍ନି। ତେବେ ଡି. ଭାନୁପ୍ରିୟା କୁହନ୍ତି, ମୋ ବାପା ଡି. ପ୍ରକାଶ ରାଓଙ୍କର ଆମେ ଦୁଇ ଝିଅ। ବଡ଼ ଭଉଣୀ ହରପ୍ରିୟା ଏବଂ ମୁଁ ଡି. ଭାନୁପ୍ରିୟା। ମା' ପି. ବିଜୟ ଲକ୍ଷ୍ମୀ। ବାପା ଏକ ଚା' ଦୋକାନ କରି ଯାହାକିଛି ରୋଜଗାର କରନ୍ତି ସେଥିରେ ସେ ଗଢ଼ିଥିବା ଆଶା ଓ ଆଶ୍ୱାସନା ସ୍କୁଲରେ ମାଗଣାରେ ଗରିବ ପିଲାଙ୍କୁ ପଢ଼ାଇଥାନ୍ତି। ଏପରି କି ବାପା ସମାଜର ବିଭିନ୍ନ ଅସହାୟ ଲୋକଙ୍କୁ ବିପଦ ସମୟରେ ରକ୍ତଦାନ ଓ ସେବା କରି ଆନନ୍ଦ ପାଇଥାନ୍ତି। ମା' ଜଣେ ନର୍ସଭାବେ କାର୍ଯ୍ୟ କରନ୍ତି। ଘରେ ବାପା ଆମକୁ କୁହନ୍ତି, ମୋର ତମେ ଝିଅ ନୁହେଁ ପୁଅ। ସେଥିପାଇଁ ବେଟା ବୋଲି ଆମକୁ ଡାକନ୍ତି। ବାପାଙ୍କ ଦେହ ଅସୁସ୍ଥ ଯୋଗୁ ସେ କଟକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଏମିତିରେ ମୁଁ ମଧ୍ୟ ସେଠାରେ ରହୁଥିଲି। ହେଲେ ଆମ ପାଇଁ ସବୁଠୁ ଦୁଃଖର ଦିନଥିଲା ୧୩ ଜାନୁୟାରୀ ୨୦୨୧ ମସିହା। ଏହି ଦିନ ବାପା ଆମକୁ ଛାଡ଼ି ସବୁଦିନ ପାଇଁ ସଂସାରରୁ ଚାଲିଗଲେ। ତାଙ୍କର ଶବସଂସ୍କାର ପାଇଁ କାଳିଆ ବୋଦା ମଶାଣିକୁ ନିଆଯାଇଥିଲା। ସେଠାରେ ମୁଖାଗ୍ନି ଦେବା ପାଇଁ ଯେତେବେଳେ କୁହାଗଲା ମୁଁ ଦେବି ବୋଲି କହିଲି। କେତେଜଣ ମତେ ମନାକଲେ। ମାତ୍ର ମୁଁ କହିଥିଲି ବାପା ଆମକୁ ସବୁବେଳେ ବେଟା ବୋଲି ଡାକୁଥିଲେ। ଆମେ ଆମ ବାପାଙ୍କୁ ମୁଖାଗ୍ନି ଦେବାରେ ଅସୁବିଧା କେଉଁଠି। ତା'ପରେ ମୁଁ ମୁଖାଗ୍ନି ଦେଇଥିଲି। ଏବେ ମୁଁ ଦିଲ୍ଲୀରୁ ଚାକିରିଛାଡ଼ି ବାପାଙ୍କ ସ୍କୁଲକୁ ସମ୍ଭାଳୁଛି। ଆଉ ଦାଦା ବାପାଙ୍କ ଚା' ଦୋକାନ କଥା ବୁଝୁଛନ୍ତି।

**ଘଟଣା-୯:** ସାଧାରଣତଃ କୌଣସି ହିନ୍ଦୁ ପରିବାରରେ କାହାରି ମୃତ୍ୟୁ ହେଲେ ପୁଅ ମୁଖାଗ୍ନି ଦେବାର ବିଧି ରହିଛି। ଗଜପତି ଜିଲା କାଶୀନଗର ବ୍ଲକ ସିଧାମଡ଼ଙ୍ଗ ଗ୍ରାମରେ ଘଟିଛି ଏପରି ଏକ ଘଟଣା ; ଯେଉଁଠି ଜଣେ ଝିଅ ମୁଖାଗ୍ନି ଦେଇଥିବା ନଜରକୁ ଆସିଥିଲା। ଏହି ଗାଁର ବାସିନ୍ଦା ହେଲେ ଦାମୋଦର ପାଣିଗ୍ରାହୀ। ସେ କାଶୀନଗର ସରକାରୀ ଉଚ୍ଚବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ଘରେ ଦୁଇପୁଅ, ଦୁଇଝିଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର ଚଳୁଥିଲା। ଦାମୋଦର ଚାକିରିରୁ ଅବସର ନେବା ପରେ ସେ ଆସି ଘରେ ରହୁଥିଲେ। ସମୟକ୍ରମେ ଦାମୋଦରଙ୍କ ସ୍ତ୍ରୀ ରେଣୁକାଙ୍କ ଦେହ ଅସୁସ୍ଥ ହେଲା ଓ ସେ ୨୦୦୨ରେ ମୃତ୍ୟୁବରଣ କଲେ। ପୁଅ ରାମକୃଷ୍ଣ ଓ ଦୁର୍ଗା ରାଜ୍ୟ ବାହାରେ ଦିନମଜୁରିଆ ଭାବେ କାମକରି ଚଳୁଥିଲେ। ଦୁଇପୁଅଙ୍କ ବିବାହ ମଧ୍ୟ ସରିଯାଇଥିଲା। କିନ୍ତୁ କିଛିବର୍ଷ ତଳେ ସାନପୁଅର ଏକ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିବାବେଳେ ବଡ଼ପୁଅ ଏକ ଦୁରାରୋଗ୍ୟ ପଡ଼ି ମୃତ୍ୟୁବରଣ କରିଥିଲେ। ଅନ୍ୟପକ୍ଷେ ବଡ଼ଝିଅ ମହାଲକ୍ଷ୍ମୀ ପାଣିଗ୍ରାହୀଙ୍କ ବିବାହ ସରିଥିଲା। ଘରେ ବାପାଙ୍କ କଥା ବୁଝୁଥିଲେ ସାନଝିଅ ସଂଯୁକ୍ତା। ଥରେ ଘର ଅଗଣାରେ ଦାମୋଦରଙ୍କ ଗୋଡ଼ ଖସିଯିବାରୁ ତାଙ୍କ ଅଣ୍ଟା ଭାଙ୍ଗିଯାଇଥିଲା। ଏଥିଯୋଗୁ ସେ ପ୍ରାୟ ଦେଢବର୍ଷଧରି ଘରେ ଶଯ୍ୟାଶାୟୀ ହୋଇପଡିଥିଲେ। ସାନଝିଅ ତାଙ୍କର ସେବା ଯତ୍ନ କରୁଥିଲେ। ସଂଯୁକ୍ତା କୁହନ୍ତି, ଜୁଲାଇ ମାସ ୨୦୨୦ରେ ମୋ ବାପାଙ୍କ ମୃତ୍ୟୁ ଘଟିଲା। ଏହି ସମୟରେ କେହି ଆତ୍ମୀୟସ୍ୱଜନ ପାଖରେ ଉପସ୍ଥିତ ନ ଥିଲେ। ମତେ ହିଁ ତାଙ୍କ ଶବ ସଂସ୍କାର ବେଳେ ମୁଖାଗ୍ନି ଦେବାକୁ ପଡ଼ିଥିଲା। ସମସ୍ତେ ଚାଲିଗଲେ ଏବେ କେବଳ ମୁଁ ଏକା ଅଛି। ମୋ ଦେହ ଅସୁସ୍ଥ ଥିବାରୁ ଯାହା କେବଳ ମରି ମରି ବଞ୍ଚୁଛି। ଏମିତିରେ ଏଯାଏ ବାପାଙ୍କ ପେନ୍‌ସନ ଟଙ୍କା ମିଳିନାହିଁ। ବ୍ଲକଠାରୁ ଆରମ୍ଭକରି ଜିଲାସ୍ତରରେ ବିଭାଗୀୟ ଅଧିକାରୀଙ୍କୁ ଗୁହାରି ଜଣାଇଛି। ଆଜି କାଲି କହି ଦିନ ଗଡ଼ାଉଛନ୍ତି। ଅନ୍ୟପକ୍ଷେ ଏମାନଙ୍କ ବ୍ୟତୀତ ସମାଜରେ ଆହୁରି ଅନେକ ଦୁହିତା ବିଭିନ୍ନ ସ୍ଥାନରେ ମୁଖାଗ୍ନି ଦେବାର ନଜିର ରହିଛି।

**-ବନବିହାରୀ ବେହେରା**

**-ଅଭିଜିତ୍ ଚନ୍ଦ୍ର, ନୃସିଂହ ମହାନ୍ତି, ଗିରିଧାରୀ ପରିଚ୍ଛା, ପ୍ରେମାନନ୍ଦ ଖମାରୀ, ସୁବାଶିଷ ପାଢ଼ୀ**



ଅମିୟବାଳା





ଡି. ଭାନୁପ୍ରିୟା



# ଲେଖିକା-ନାୟିକା -ନିର୍ଦ୍ଦେଶିକା







**ମୁହୂର୍ତ୍ତରେ ଜିଅନ୍ତି, କବିତା ତାଙ୍କ କଥା କୁହେ ହେଲେ ସେ କିନ୍ତୁ ଅଭିନୟ ପ୍ରେମୀ। ଜୀବନକୁ ନିଜ ଭାବରେ ମନଭରି ଜିଇବାରେ ବିଶ୍ୱାସ ରଖୁଥିବା ଏହି ଅଭିନେତ୍ରୀ ନିର୍ଦ୍ଦେଶିକା ହେଲେ ଭାସ୍ୱତୀ ବସୁ। ଅନେକେ ତାଙ୍କୁ ଜଣେ ଭଲ ଅଭିନେତ୍ରୀ ଭାବେ ଜାଣନ୍ତି। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଯେମିତି ବଳିଷ୍ଠ ତାଙ୍କର ଅଭିନୟ ସେମିତି ବଳିଷ୍ଠ ତାଙ୍କର ଲେଖନୀ ଚାଳନା।**

ଭାସ୍ୱତୀଙ୍କର ଜନ୍ମ ଭୁବନେଶ୍ୱରର ବାପୁଜୀ ନଗରରେ। ପିତା ଅସୀମ ବସୁଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ମଧ୍ୟରେ ଭାସ୍ୱତୀ ହେଉଛନ୍ତି ସବା ସାନ। ପିଲାବେଳେ ଅଭିନୟର ଗୋଟେ ଜବରଦସ୍ତ ଇଚ୍ଛା ନ ଥିଲା ତାଙ୍କ ଭିତରେ। ଦଶମ ଶ୍ରେଣୀ ପାସ୍ ପରେ ଆଉ ଇଚ୍ଛା ହିଁ ନ ଥିଲା ଗୁଡ଼ାଏ ପଢ଼ିବାକୁ। ତେଣୁ ପାଠରୁ ମୁକ୍ତି ପାଇଁ ସେ ଚାହିଁଲେ ସଙ୍ଗୀତ ମହାବିଦ୍ୟାଳୟରେ ପାଠ ପଢ଼ିବେ ଆଉ ନାଟକ କରିବେ। କିନ୍ତୁ ଜଣା ନ ଥିଲା ଯେ ନାଟକ ପାଇଁ ବି ବହୁତଗୁଡ଼ାଏ ପଢ଼ିବାକୁ ପଡ଼େ। ତଥାପି ପଢ଼ିଲେ, ଆଉ ମଞ୍ଚ ସଜ୍ଜାରେ ସ୍ନାତକୋତ୍ତର କଲେ, ଯେଉଁଥିରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ସମୟରେ ସେ ବିଭିନ୍ନ ନାଟକରେ ତ ଅଭିନୟ କରିଥିଲେ କିନ୍ତୁ ଦୁଃଖ ଥିଲା ପିତା ଅସୀମ ବସୁ ତାଙ୍କୁ କେବେ ବି ତାଙ୍କ ନିର୍ଦ୍ଦେଶନାରେ ଅଭିନୟ କରିବାକୁ ଦେଉ ନ ଥିଲେ। ଅଥଚ ଭାସ୍ୱତୀ ସେତେବେଳେ ଜଣେ ଅଭିନେତ୍ରୀଭାବେ ପରିଚିତି ପାଇ ସାରିଥିଲେ। ଏ ସମ୍ପର୍କରେ ଭାସ୍ୱତୀ କହନ୍ତି "ବୋଧହୁଏ ବାବୁଜୀ (ଅସୀମ ବସୁ) ଙ୍କର ମୋ ଅଭିନୟ ଉପରେ ଭରସା ନ ଥିଲା। ବହୁତ ବର୍ଷ ପରେ 'ଉତ୍ତରପୁରୁଷ'ର ଏକ ନାଟକ ହେଉଥିଲା– 'ଜଣେ ରାଜା ଥିଲେ'। ସେଥିରେ ଗୋଟେ ଚରିତ୍ର ଥିଲା 'ଦେବୀ'; ଯାହାର କୌଣସି ଡାଏଲଗ୍ ନ ଥିଲା, ଶେଷରେ କେବଳ କାନ୍ଦିବାର ଥିଲା। ବୋଧହୁଏ ସେଥିପାଇଁ ବାବୁଜୀ ରାଜି ହୋଇଗଲେ। ଶେଷରେ ଯେଉଁ କାନ୍ଦିବାର ଥିଲା ସେଇଟା ବୋଧେ ତାଙ୍କ ମନକୁ ଛୁଇଁଗଲା; ଯେଉଁଥିପାଇଁ ତା'ପରେ ସେ ତାଙ୍କ ନାଟକରେ ମତେ ଅଭିନୟ କରିବାର ସୁଯୋଗ ଦେଲେ। ଭରସା ଆସିଗଲା ବୋଧହୁଏ ମୋ ଅଭିନୟରେ।" କଲେଜ ସମୟରେ ଭାସ୍ୱତୀ ନାଟକ କରିବା ସହ ଛୋଟ ପିଲାମାନଙ୍କୁ ନେଇ ଏକ ନାଟ୍ୟ ସଙ୍ଗଠନ ଗଢ଼ି ନାଟ୍ୟ ନିର୍ଦ୍ଦେଶନା ବି ଦେଉଥିଲେ। ହେଲେ କଲେଜ ପରେ କିଛି ବର୍ଷ ସେ ନାଟକଠାରୁ ଯେମିତି ଦୂରେଇ ଗଲେ। ଆଉ ଫେରିଲେ ବିବାହ ପରେ ସ୍ୱାମୀଙ୍କ ପ୍ରେରଣାରେ। ୨୦୦୨ ମସିହାରେ ବିଜୟ ମଣ୍ଡଳଙ୍କ ସହ ବିବାହ ହୁଏ ଭାସ୍ୱତୀଙ୍କର। ନିହାତି ଭାବରେ ପ୍ରେମ ବିବାହ। ଭାସ୍ୱତୀ ଓ ବିଜୟଙ୍କର ଦେଖାହୁଏ ୧୯୯୭ ମସିହାରେ ଏକ କମ୍ପ୍ୟୁଟର ଇନ୍ଷ୍ଟିଚ୍ୟୁଟରେ। ସେଠାରେ ଭାସ୍ୱତୀଙ୍କର ଭାଇ ବିଜୟଙ୍କ ସହ ପରିଚୟ କରାଇ ଦେଇ କହନ୍ତି 'ଦେଖ ବିଜୟ କେମିତି ଲେଖୁଛି ପୁଣି ଚାକିରି ବି କରୁଛି।' ସେହି ବୟସରେ ଲେଖାଲେଖି କରିବା ପୁଣି ଚାକିରି କରିବା ଭାସ୍ୱତୀଙ୍କୁ ଟିକେ ଆଶ୍ଚର୍ଯ୍ୟ କରିଥିଲା। ସମୟକ୍ରମେ ଦୁହିଁଙ୍କ ଭିତରେ ବନ୍ଧୁତା ଗଢ଼ି ଉଠିଲା। ସେ ସମୟରେ ଭାସ୍ୱତୀ କୌଣସି କାରଣରୁ ମାନସିକ ଅବସାଦ ଭିତରେ ଥିଲେ। ଆଉ ସେ ବଞ୍ଚିବାକୁ ବି ଚାହୁଁ ନ ଥିଲେ; ଯେଉଁଥିରୁ ତାଙ୍କୁ ବିଜୟ ହିଁ ବାହାର କରିଥିଲେ। ବିଜୟଙ୍କ ଭରସା ଆଉ ଭଲପାଇବା ହିଁ ତାଙ୍କୁ ଭାସ୍ୱତୀରୁ ଅଭିନେତ୍ରୀ ଭାସ୍ୱତୀ ବସୁରେ ରୂପାନ୍ତରିତ କରିଥିଲା। ବଞ୍ଚିବାକୁ ଚାହୁଁ ନ ଥିବା ଝିଅଟି ପୁଣି ସ୍ୱପ୍ନ ଦେଖିଲା ବିଜୟଙ୍କୁ ନେଇ ସଂସାର କରିବାର। ସ୍ୱାମୀ ଶାଶୁ ଶ୍ୱଶୁରଙ୍କୁ ନେଇ ଏକ ସୁନ୍ଦର ସଂସାର ବି ଗଢ଼ିଲେ ଭାସ୍ୱତୀ। କିନ୍ତୁ ସ୍ୱାମୀ କହିଲେ, ତମେ ପୁଣି ଥରେ ଅଭିନୟ କର। ସେଥିରେ ଭାସ୍ୱତୀଙ୍କର ଉତ୍ତର ଥିଲା 'ମୁଁ ଅଭିନୟ କଲେ ଘର କିଏ ସମ୍ଭାଳିବ ?' ବିଜୟ କହିଥିଲେ 'ରୋଷେଇ ତ କିଏ ବି କରିପାରିବ କିନ୍ତୁ ଅଭିନୟ କେବଳ ତମେ ହିଁ ପାରିବ।' ବାସ୍ ସେହି କଥା ପଦକରେ ଭାସ୍ୱତୀ ପୁଣି ଫେରିଥିଲେ ଅଭିନୟ ଦୁନିଆକୁ; ଯେଉଁଥିରେ ଆସେ ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୨୦ଟି ଧାରାବାହିକ, ୫୦ରୁ ଉର୍ଦ୍ଧ୍ୱ ନାଟକର ନିର୍ଦ୍ଦେଶନା। ତେବେ ଅଭିନୟ କଥା କହିଲେ 'ଭାଗ୍ୟବିଧାତା'ର 'ପାର୍ବତୀ' ହେଉ କି ସାଧୁ ମେହେରଙ୍କ 'ନୀଳ ମାଷ୍ଟ୍ରାଣୀ'ର 'ନୀଳ'ଅବା 'କଥାନ୍ତର'ର 'ରୂପା', ସବୁ ଚରିତ୍ର ଭିତରେ ସେ ଏମିତି ଭାବରେ ମିଶି ଯାଆନ୍ତି ଯେ ଲୋକଙ୍କ ପାଖରେ ସେ ସେହି ନାଁରେ ହିଁ ରହିଯାନ୍ତି। ଏବେ ବି ତାଙ୍କୁ ଦେଖିଲେ ଅନେକ ସମୟରେ ଲୋକେ ନୀଳ ମାଷ୍ଟ୍ରାଣୀ ହିଁ ଡାକନ୍ତି। ଅନେକ ସମ୍ମାନରେ ସମ୍ମାନିତା ଭାସ୍ୱତୀଙ୍କୁ କିନ୍ତୁ ଅଧିକ ପରିଚିତି ଦେଇଥିଲା ହିମାଂଶୁ ଖଟୁଆଙ୍କର ୧୯୯୯ ମହାବାତ୍ୟା ଉପରେ ଆଧାରିତ ଚଳଚ୍ଚିତ୍ର 'କଥାନ୍ତର'। ଦେଶ ବିଦେଶର ଅନେକ ସମାରୋହରେ ଏହାକୁ ଅନେକ ପ୍ରଶଂସା ମିଳିଥିବାବେଳେ ଭାସ୍ୱତୀଙ୍କୁ ମିଳିଥିଲା ୨୦୦୫ ମସିହା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଅଭିନୟ ପ୍ରେମରେ ପଡିଥିବା ଭାସ୍ୱତୀ ଅଭିନେତ୍ରୀ ହିସାବରେ କାହାଣୀର ପ୍ରତ୍ୟେକ ଚରିତ୍ରକୁ ଭଲ ତ ପାଆନ୍ତି, କିନ୍ତୁ ଚରିତ୍ରକୁ ନେଇ ବେଳେବେଳେ ଟିକେ ରୁଚି ମଧ୍ୟ ହେଇଯାନ୍ତି। 'ଭୂମିକା' ଫିଲ୍ମର ସ୍ମିତା ପାଟିଲଙ୍କ ଚରିତ୍ର ପରି ଚରିତ୍ରଟିଏରେ ଅଭିନୟ କରିବାର ଇଚ୍ଛାଟିଏ ରହିଛି ଏବେ ବି ମନ ଭିତରେ। ଆଉ ନାଟ୍ୟ ନିର୍ଦ୍ଦେଶନା କଥା ଆସିଲେ ଭାସ୍ୱତୀଙ୍କର ସବୁଠୁ ବଡ଼ ଖୁସି ଥିଲା ତାଙ୍କ ନିର୍ଦ୍ଦେଶନାରେ ତାଙ୍କ ବାବୁଜୀ ଅଭିନୟ କରିବା। ଏହା ବାଦ ସେ ଦୁଇଟି ନାଟକ ମଧ୍ୟ ଲେଖିଛନ୍ତି। ତେବେ ଅଭିନୟ କ୍ଷେତ୍ରକୁ ବାଦ ଦେଲେ ଭାସ୍ୱତୀଙ୍କର ଆଉ ଗୋଟିଏ ବଡ଼ ପରିଚୟ ହେଲା ସେ ଜଣେ ଲେଖିକା ଓ କବି। ଏମିତି କିଛିଟା ଲେଖାଲେଖି କରୁଥିବା ଭାସ୍ୱତୀ ତାଙ୍କ ବାବୁଜୀଙ୍କର ମୃତ୍ୟୁ ପରେ ହିଁ ଅଧିକରୁ ଅଧିକ ଲେଖାରେ ମନୋନିବେଶ କଲେ। ଭାସ୍ୱତୀ କୁହନ୍ତି "ଛୋଟବେଳେ ଅନ୍ୟ ପିଲାଙ୍କ ପରି ମୁଁ ମୋ ବାପାଙ୍କୁ ସେତିକି ପାଇ ପାରୁ ନ ଥିଲି। ସେ ଆମ ପାଖରେ ସବୁବେଳେ ରହୁ ନ ଥିଲେ। ଯେତେବେଳେ ସେ ଅସୁସ୍ଥ ହେଲେ ଆସି ଆମ ପାଖରେ ରହିଲେ। ମୁଁ ହିଁ ତାଙ୍କ ସହିତ ଖୁବ୍ ବେଶି ଅନ୍ତରଙ୍ଗ ହୋଇଗଲି। ଏମିତି କିଛିକଥା ନାହିଁ ଯାହା ମୁଁ ବାବୁଜୀଙ୍କ ସହ କଥା ହୋଇପାରୁ ନ ଥିଲି। ପରସ୍ପରକୁ ଖୁବ୍ ବେଶି ଖୋଜୁଥିବା ବାବୁଜୀ ଦିନେ ଆମକୁ ଛାଡ଼ି ଚାଲିଗଲେ। ତାଙ୍କ ଯିବା ପରେ ମୋତେ ଲାଗିଲା ମୁଁ ଯେମିତି ଶୂନ୍ୟ ହୋଇଗଲି। ରାତିରେ ନିଦ ହୁଏନି। ସେତେବେଳେ ଖୁବ୍ କବିତା ଲେଖେ। ମୋ ନିଜ କଥା ଯାହା ନ କହିଲେ ମୁଁ ରହିପାରିବିନି ସେଇଟା କବିତା ଭାବରେ ପ୍ରକାଶ କରେ। ଏହି କବିତାକୁ ନେଇ ୨୦୧୭ ଅକ୍ଟୋବରରେ ମୋର ପ୍ରକାଶିତ ବହି 'ବାଦ୍‌ଶାହା ଓ ପ୍ରେମିକା'।" ଏବେ ଭାସ୍ୱତୀ ଇଭେଣ୍ଟ ପବ୍ଲିକେଶନର ପ୍ରକାଶକ ପ୍ରକାଶ ମହାପାତ୍ରଙ୍କ କଥା ରକ୍ଷାକରି ଲେଖୁଛନ୍ତି ଆତ୍ମଜୀବନୀ 'ରାସ୍ତା'। ଜଣେ ଭଏସ୍ ଓଭର୍ ଆର୍ଟିଷ୍ଟ ଭାବରେ ମଧ୍ୟ ଭାସ୍ୱତୀଙ୍କର ଖୁବ୍ ନାଁ ରହିଛି। ସ୍ୱାମୀ ବିଜୟ ଓ ଝିଅକୁ ନେଇ ଏକ ପରିପୂର୍ଣ୍ଣ ଜୀବନ ଜିଉଥିବା ଭାସ୍ୱତୀଙ୍କର ଜୀବନକୁ ନେଇ କୌଣସି ଅବସୋସ କି ଅଭିଯୋଗ ନାହିଁ। କାରଣ ସେ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭଲପାଇ ଜିଇବାରେ ବିଶ୍ୱାସ କରନ୍ତି।

–ରୋଜାଲିନ ମହାନ୍ତି







# ଅସ୍ମିତା

–ଭବାନୀ ଭୂୟାଁ

ମୁଁ ବଞ୍ଚେ
ସେମାନଙ୍କର ଅବିଶ୍ୱାସରେ ।
ମୁଁ ବଞ୍ଚେ
ସେମାନଙ୍କର ଅହଂକାରରେ ।
ମୁଁ ବଞ୍ଚେ
ସେମାନଙ୍କର କ୍ରୂରତାରେ ।
ମୁଁ ବଞ୍ଚେ
ସେମାନଙ୍କର ନିର୍ଯାତନାରେ ।
ମୁଁ ବଞ୍ଚେ
ସେମାନଙ୍କର ପୈଶାଚିକତାରେ ।
ମୁଁ ବଞ୍ଚେ
ସେମାନଙ୍କର ନିଷ୍ଠୁରତାରେ ।
ମୁଁ ବଞ୍ଚେ
ସେମାନଙ୍କର ଚକ୍ରବ୍ୟୂହରେ ।
ମୁଁ ବଞ୍ଚେ
ଅଗ୍ନିର ବଳୟ ଭିତରେ ।
ମୁଁ ବଞ୍ଚେ
ଅସହିଷ୍ଣୁତାର କବର ତଳେ ।
ମୁଁ ବଞ୍ଚେ
ଝଡ଼ର ତାଣ୍ଡବରେ ।
ମୁଁ ବଞ୍ଚେ
ଅନ୍ଧକାରର ଗମ୍ଭୀରି ଗୁମ୍ଫାରେ ।
ମୁଁ ବଞ୍ଚେ
ଇତିହାସର ଅହମିକାରେ ।
ମୁଁ ବଞ୍ଚେ
ଶତାବ୍ଦୀର ଆଗମନୀରେ ।
ମୁଁ ବଞ୍ଚେ
ଆଗାମୀର ଆହ୍ୱାନରେ ।
ମୁଁ ବଞ୍ଚେ
ଦେଶର ଅଖଣ୍ଡତାରେ ।
ବଞ୍ଚେ ଆବାହନୀରେ
ଜୀବନର ଐକ୍ୟ ତାନରେ ।

–ମାସିର ହୋଟେଲ
ସ୍ୱର୍ଗଦ୍ୱାର , ପୁରୀ
ମୋ:୯୩୪୮୫୬୩୫୧୦



# ଆରୋହୀ

–ଗାୟତ୍ରୀ ଦାସ

ମୋବାଇଲରେ କାର୍ ରେସିଂ ଗେମ୍ ଖେଳୁଛି ଗୁଗୁଲ । ଆହା.. ରୋଡ ଡିଭାଇଡର ସହ ଧକ୍କା ଖାଇ ଓଲଟି ପଡ଼ିଲା ତା କାର୍ । ରାସ୍ତାଗୁଡ଼ିକ କେବେ ସିଧା ସଳଖ ଆଉ ପ୍ରତିରୋଧ ରହିତ ହୋଇ ନ ଥାଆନ୍ତି କାହିଁକି... ? ଦୀର୍ଘଶ୍ୱାସ ନେଲା ସ୍ୱୀକୃତି ସାସମଲ । ସେଣ୍ଟର ଟେବୁଲ ଉପରେ ରଖାହୋଇଛି ଦୁଇଟି ଲଫାପା । ଉଭୟ ଲଫାପାରେ ପାପୁଲିର କୋମଳ ସ୍ପର୍ଶ ଟିକେ ଦେଲା ସ୍ୱୀକୃତି ।

କାହିଁକି ନାରୀଟିଏର ସଫଳତାକୁ ପୁରୁଷ ତା'ର ଯୋଗ୍ୟତା ଓ ଅକ୍ଳାନ୍ତ ପରିଶ୍ରମର ଶ୍ରେୟ ବୋଲି ଗ୍ରହଣ କରି ପାରେନି... ? ତା'ର ସୌନ୍ଦର୍ଯ୍ୟ ଓ ସୁଗଠିତ ଅଙ୍ଗସୌଷ୍ଠବ କେଉଁଠି ନା କେଉଁଠି ଉନ୍ନତିର ଚୋରାକାଠି ପରି ବିକୃତ ମାନସିକତାଟିଏକୁ ଗୋପନରେ ପାଳିଥାଏ ପୁରୁଷ !

ନାରୀକୁ ଖୁବ୍ ଯତ୍ନ ନେଇଆସେ ତା' ହୃଦୟର.... ଏକଥା କମ୍ ଲୋକ ବୁଝନ୍ତି ।

ସ୍ୱୀକୃତିର କ୍ରମାନ୍ୱୟ ପଦୋନ୍ନତିକୁ ସନ୍ଦେହ କରେ ସମ୍ଭବ । ଦାମ୍ପତ୍ୟରେ କୁହୁଳି ଉଠେ କିଛି ବିରାଗର ଧୂଆଁ । କେଉଁ କେଉଁ ଈର୍ଷାଳୁ ବନ୍ଧୁମାନଙ୍କ ଟିକାଟିପ୍ପଣୀ ମଧ୍ୟ ଇନ୍ଧନ ଯୋଗାଏ ଜଳିବା ପାଇଁ । ଆଇଟି ପ୍ରଫେସନରେ ଦୁଇଜଣ ଅଲଗା ଅଲଗା କମ୍ପାନୀରେ ଥିଲେ ମଧ୍ୟ ସ୍ୱୀକୃତି କେବେ ସମ୍ଭବର ଝିଅ ସାଙ୍ଗମାନଙ୍କୁ ନେଇ ସିରିୟସ ନୁହେଁ । ପ୍ରଫେସନ ଆଉ ଜୀବନ... କେହି କାହାର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି । ଦୁହିଁଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ଜୀବନ ହୋଇଉଠେ ଅମୃତମୟ । ମାତ୍ର ଏତିକି କଥା ସେ ବୁଝେଇ ପାରିନି ସମ୍ଭବଙ୍କୁ । ସ୍ୱୀକୃତିର ବସ୍‌ଙ୍କୁ ନେଇ ଅନେକ ଶୁଣା ଖବର ଖୁବ୍ କର୍କଶ ଶବ୍ଦରେ ଫିଙ୍ଗି ଦିଅନ୍ତି ସମ୍ଭବ । ପରିସ୍ଥିତି ଏତେ ଭୟାନକ ହୋଇଯାଏ ଯେ ଚେଷ୍ଟା କରି ମଧ୍ୟ ସେ ସ୍ୱାମୀଙ୍କ ମନର ଭୁଲ ଧାରଣାକୁ ବଦଳେଇ ପାରେନି । ଅବିଶ୍ୱାସର ବୀଜଟିଏ ପତ୍ର ମେଲାଏ । ଅଣନିଃଶ୍ୱାସୀ କରାଏ ତା'ର ବାସ୍ନା । ସ୍ୱୀକୃତି ପ୍ରତିଦିନ ସନ୍ତୁଳି ହୁଏ, ସନ୍ତାପ କରେ । ମୁକୁଳିଯିବାର ବାଟ ଖୋଜେ ।

ଅଦୃଶ୍ୟ ଭୂତାଣୁର ଆତଙ୍କରେ ହଠାତ୍ ଠପ୍ ହୋଇଯାଏ ଚଳମାନ ପୃଥିବୀ । ଘରବାହୁଡ଼ା ହୁଅନ୍ତି ଯେତେକ ପରଦେଶୀ । ଏଇ ମୌକାରେ ଚାକିରିରୁ ଇସ୍ତଫା ଦେବାକୁ ବାଧ କରାନ୍ତି ସମ୍ଭବ । ଘରେ ଶାଶୁ, ଶ୍ୱଶୁର, ଦିଅର, ଛୋଟ ପୁଅ ଆଉ ସମ୍ଭବଙ୍କର ସବୁ ଫରମାଇସ ପୂରଣ କରୁଥାଏ ସ୍ୱୀକୃତି । ସମ୍ଭବଙ୍କର ୱାର୍କ ଫ୍ରମ୍ ହୋମ । ସମୟାନୁପାତରେ ଚା, କଫି, ଜଳଖିଆ ସବୁ ପସନ୍ଦ ମୁତାବକ ଯୋଗାଇ ଦେଉଥାଏ ସ୍ୱୀକୃତି । ମନତଳେ ଗୋଟିଏ ସୁପ୍ତ ଇଚ୍ଛା ଥାଏ, ଏ ସମୟ ବି ପାହିଯିବ । ପରିବାର ଲୋକଙ୍କ ଆଦର ଆଉ ଭଲପାଇବା ନେଇ ସେ ସମ୍ଭବଙ୍କ ଅବିଶ୍ୱାସର ପ୍ରାଚୀରକୁ ଧ୍ୱଂସ କରି ନୂଆ ଜୀବନ ଆରମ୍ଭ କରିବ ।

ଏବେ ସବୁକିଛି ଧୀରେ ଧୀରେ ସହଜ ହେବା ପରେ ସେ ଦେଇଥିବା ଇଣ୍ଟରଭ୍ୟୁର ଫଳାଫଳ ପ୍ରକାଶ ପାଇଛି ଓ ଏକ କମ୍ପାନୀରୁ ନିଯୁକ୍ତି ପତ୍ର । ଲେଟର ଆସିଛି । ଯାହାକୁ ନେଇ ଆଠଦିନ ହେଲା ଅଶାନ୍ତି ପରିବାର ଲୋକେ । କି ଆବଶ୍ୟକ ସମୁଦ୍ରାଭିମୁଖୀ ହେବା... ! କାଚବାକ୍ସ ଭିତରେ ସ୍ୱଚ୍ଛ ପାଣିରେ ନିର୍ଭୟ ବିଚରଣର ସୁବିଧା ଯେଉଁଠି ଉପଲବ୍ଧ ।

ରାତ୍ରିର ସେ ନିର୍ଜନ ମୁହୂର୍ତ୍ତମାନଙ୍କରେ ଖୁବ୍ ବୁଝେଇବାକୁ ଚେଷ୍ଟା କରିଛି ସମ୍ଭବଙ୍କୁ । ପୁରୁଣା ଦିନମାନଙ୍କୁ ଫେରେଇ ନେବାକୁ ଚାହିଁଛି । ଚିହିଙ୍କି ଉଠିଛନ୍ତି ସମ୍ଭବ । ''ରାସ ରଚିବାର ବାହାନା ଯୋଗାଡ଼ରେ ଲାଗିଛୁ... ମୋତେ ତ ଏବେ ସନ୍ଦେହ ଗୁଗୁଲକୁ ନେଇ । ତା'ର ଡିଏନ୍ଏ ଟେଷ୍ଟ କରିବା ପରେ ଯାଇ କଥାବାର୍ତ୍ତା !''

ଖଟ ଉପରେ ମୂର୍ଚ୍ଛା ଯାଇଥିଲା ସ୍ୱୀକୃତି । ତା' ପର ଦିନର ସୂର୍ଯ୍ୟୋଦୟ ଖୁବ୍ ସାଧାରଣ ଥିଲା ।

ଟିଭିରେ ଖବର ଦେଖୁଥିଲେ ଶ୍ୱଶୁର । ପରିବା କାଟିବାବେଳେ ତା' କାନରେ ପଡ଼ିଲା ଗୋଟେ ନାରୀ ସ୍ୱର ।

ରିପୋର୍ଟରଙ୍କ ମାଇକ ଆଗରେ ଚିଲେଇ କହୁଥିଲା, ''କିଏ ଏ ଗାଁରେ ସତ୍ୟବାନ ମର୍ଦ୍ଦ ଦେଖେଇ ହେଉଛ ଆସ । ମୋ ପେଟର ସାଇତା ଜରାୟୁକୁ ବର୍ଷେ ଦି ବର୍ଷ ପାଇଁ ଉଧାର ନିଅ । କେତେ ସତ୍ୟବାନ ହେଇ ବାହାରିବ ଦେଖିବା । ଗୋଟି ଗୋଟି କରି ମୁଖା ଖୋଲିଯିବ । ସମସ୍ତଙ୍କୁ ମୁଁ ଚିହ୍ନିଛି । ଜରାୟୁ ଧାରଣ କରିଛି ବୋଲି ନାରୀଟେ ସବୁବେଳେ ମରି ମରି ଜିଇବ କାହିଁକି... ? ଅନ୍ଧାରକୁ ଡର, ଗହଳିକୁ ଡର, ନିର୍ଜନତାକୁ ଡର, ପ୍ରେମିକକୁ ଡର , ବସ୍‌ଙ୍କୁ ଡର । କୈଶୋରରେ ବାପା, ଯୌବନରେ ସ୍ୱାମୀ, ବାର୍ଦ୍ଧକ୍ୟରେ ପୁଅଙ୍କର ସାଜି ଥାଏ ସେ କ୍ରୀଡ଼ନକ । ପୂରା ଖବରକୁ ଅନୁସରଣ କରୁଥିଲା ସ୍ୱୀକୃତି । ବାପ ଘରେ ରହୁଥିବା ଅଳ୍ପ ବୟସର ବିଧବା ଗରିବ ଝିଅଟିଏ । ଅନ୍ତଃସତ୍ତ୍ୱା ହେବାରୁ ଗାଁ ଲୋକେ ବାସନ୍ଦ କରି ଗାଁରୁ ବାହାର କରିଦେଇଛନ୍ତି । ସେଇ ଝିଅଟି ଗାଁ ମୁଣ୍ଡରେ ଥିବା ସ୍ୱଚ୍ଛ ଭାରତ ମିଶନର ନିର୍ମାଣାଧୀନ ଶୌଚାଳୟରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଛି । ଯେଉଁ ଖବରକୁ ନେଇ ମିଡିଆ ଟିଆର୍‌ପି ଗୋଟାଇବାରେ ବ୍ୟସ୍ତ ।

ସତେତ... ଈଶ୍ୱର ଯଦି ନାରୀ ପରି ପ୍ରତ୍ୟେକ ପୁରୁଷ ଦେହରେ ଜରାୟୁମାନ ଭିଆଣ କରି ଥାଆନ୍ତେ, ସତ୍ୟବାନର ତଥାକଥିତ ସଂଜ୍ଞା ହୁଏତ ବଦଳି ଯାଇଥାଆନ୍ତା ।

କେବଳ ଏକ ସଜଳ ସକାଳରେ କାହିଁକି...ଜୀବନର ପ୍ରତି ମୁହୂର୍ତ୍ତରେ ଏଠି ସିନ୍ଦୂରା ଫାଟୁଥାଏ । ନୂଆ ନୂଆ ଦିଗ୍‌ବଳୟରେ ମାଧୁର୍ଯ୍ୟଭରା ଆଲୋକରଶ୍ମି ଜୀବନକୁ ଅଭିମନ୍ତ୍ରିତ କରୁଥାଏ । ତା'ର ସମସ୍ତ ସଞ୍ଚିତ ବୁଦ୍ଧି, ଜ୍ଞାନ, ଜିଜ୍ଞାସା ଯୁକ୍ତିକେନ୍ଦ୍ରିକ ନ ହୋଇ ସାମାଜିକ ବ୍ୟବହାରରେ ଆସୁ । ନିଜର ସମସ୍ତ ଟାଣପଣକୁ ଠୁଳେଇ ନିଷ୍ପତ୍ତି ନେଲା ସେ । ସେଣ୍ଟର ଟେବୁଲ ଉପରେ ମୁହଁମାଡ଼ି ପଡ଼ିଥିବା ଛାଡ଼ପତ୍ର ନୋଟିସ ଆଉ ନିଯୁକ୍ତି ପତ୍ର ଉଭୟକୁ ସୀକୃତି ଦେଲା ସ୍ୱୀକୃତି ।

–ପପୁଲାର ଷ୍ଟିଲ୍,
ଦୁର୍ଗାବିହାର, ଅନୁଗୋଳ
–ମୋ: ୮୨୪୯୫୮୬୪୪୩





# ବିଜୟା

–ଶକ୍ତିପ୍ରଦା ମହାପାତ୍ର

ମୁଁ ହାରିଲାବେଳେ ଚମକୁ ଥାଏ
ଜିତି ଯିବାର କଳ୍ପନାରେ
ନିଜ ହାତରେ ଜୁଇ ସଜେଇ ଜାଣେ
ବୋଲି ମନ୍ତ୍ର ପଢ଼େ ହୋମାଗ୍ନିର
କାହା ଅବିଶ୍ୱାସ ମୋର ବଳ ସାଜେ
ଅନ୍ୱେଷଣର ରଙ୍ଗ ବଦଳିଯାଏ
କାହା ଅଲୋଡ଼ା ପ୍ରତ୍ୟାଖ୍ୟାନରେ ।

–ଜି/୨,ରାଜାବଗିଚା
ଲେବର କଲୋନୀ, କଟକ–୯
ମୋ:୯୪୩୮୮୪୨୨୩୩

# ଉତ୍ସ

–ମାନମୟୀ ରଥ

ମୁଁ ଶକ୍ତି ଅଫୁରନ୍ତ
ବିପର୍ଯ୍ୟୟର ମାଟି ଉପରେ
ମୋର ନୃତ୍ୟ ଅବିରତ
ବିଘଟନରୁ ଉଦ୍ଭୁତ ମୁଁ
ଶେଷହୀନ, ଅନନ୍ତ ।

–ସେଣ୍ଟ ଜାଭିୟର କିଡ୍ସ
ବାଲୀପୁଟ , ପୁରୀ
ମୋ: ୭୯୭୮୫୭୯୩୯୯



# ୟାର୍ ଗଦ୍ଦାର



(ବାମରୁ) ସୋନମ୍-ସମ୍ମିତ-ପ୍ରଜ୍ଞା

ବନ୍ଧୁତା ଏକ ପବିତ୍ର ଶବ୍ଦ। ଏହି ଡୋରିରେ ଯଦି ଆବିଳତା ନ ଥାଏ ତେବେ ଏହା ଦୀର୍ଘ ଦିନ ତିଷ୍ଠି ରହିଥାଏ। ଯଦି ଏଥିରେ ବିଶ୍ୱାସର ମାତ୍ରା କମିଯାଏ, ଆଉ ଅବିଶ୍ୱାସ ଦିନକୁ ଦିନ ନିଜର କାୟା ବିସ୍ତାର କରିଚାଲେ ତେବେ ଦିନେ ସଚ୍ଚା ଦୋସ୍ତ ଭବିଷ୍ୟତରେ ଶତ୍ରୁ ପାଲଟିଯିବା ସମ୍ଭାବନା ଅଧିକ ଥାଏ। ସେହିପରି ଦୁଇ ଜଣ ବନ୍ଧୁଙ୍କ ଭିତରେ ଥିବା ନିବିଡ ବନ୍ଧୁତାର ମୀନାର ଧୂଳିସାତ ହୋଇଯାଉଛି। ତା'ପରେ ସମୟ ସହ ପାଦ ଦେଇ ଦୁହେଁ ପୁଣି ଥରେ ବନ୍ଧୁତ୍ୱର ଡୋରିରେ ବାନ୍ଧି ହେଉଛନ୍ତି କି ନାହିଁ, ତାହାକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ୟାର ଗଦ୍ଦାର'। ସାଇ ବିନାୟକ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଜଗତ ରଞ୍ଜନ ମହାକୁଡ। ବିରଞ୍ଚି ସାମଲ ସଂଳାପ ରଚନା କରିଛନ୍ତି। ବିଜୟ ମଲ୍ଲ, ବାପୁ ଗୋସ୍ୱାମୀ ଏବଂ ବିରଞ୍ଚି ସାମଲଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଦାସ। ଚିତ୍ରଟିର ସହଯୋଗୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ଆଶୁତୋଷ ଦାସ (ବାବୁ ଦା)। ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ରୋଶନ ନନ୍ଦ, ସମ୍ମିତ କୁମାର, ସୋନମ ଦାସ, ପ୍ରଜ୍ଞା ପ୍ରଧାନ, ଗୁଡଲି, ଅସୀତ ପତି, ଅଶୋକ ଦାସ, କୀର୍ତ୍ତି ମହାନ୍ତି ଏବଂ ଶିଶୁ କଳାକାର ପ୍ରିନ୍ସ ଓ ଲିପୁନଙ୍କୁ ଦେଖିବାକୁ ମିଳିବ।

# ବକ୍ସିଂ ମାୟାରେ ଟାଇଗର୍

ଷ୍ଟାର କିଡ୍ ଟାଇଗର୍ ଶ୍ରଫଙ୍କୁ ବଲିଉଡ୍‌ର ଲମ୍ବା ରେସ୍‌ର ଘୋଡ଼ା ଭାବରେ ଗଣନା କରାଯାଉଛି। ଏ ପର୍ଯ୍ୟନ୍ତ ସେ ଯେଉଁ କେତୋଟି ସିନେମାରେ ଅଭିନୟ କରିଛନ୍ତି ତାହାକୁ ଦର୍ଶକ ଗ୍ରହଣ କରିଛନ୍ତି। କେବଳ ଫାଇଟ୍ ନୁହେଁ, ଡ୍ୟାନ୍ସରେ ନିଜର ଦକ୍ଷତା ଦେଖାଇ ସାଉଁଟିଛନ୍ତି ଅନେକ ପ୍ରଶଂସା। ଏବେ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ବକ୍ସିଂ ଉପରେ ସେ ଅଧିକ ଧ୍ୟାନ ଦେଉଛନ୍ତି। କାରଣ ଖୁବ୍ ଶୀଘ୍ର ଏହା ଉପରେ ନିର୍ମାଣ ହେବାକୁ ଯାଉଥିବା ସିନେମାରେ ସେ ନାୟକ ସାଜିବେ। ଏ ସମ୍ପର୍କରେ ଟାଇଗର୍ କହନ୍ତି, 'ମୋ ଫିଟ୍‌ନେସ୍‌କୁ ନେଇ ମୁଁ ସବୁବେଳେ ସଚେତନ। ଏବେ ବକ୍ସିଂ ଉପରେ ଅଧିକ ଧ୍ୟାନ ଦେଉଛି। କାରଣ ତାହାକୁ ଆଧାର କରି ନିର୍ମିତ ହେବାକୁ ଯାଉଥିବା ସିନେମାରେ ମୋର ଅଭିନୟ କରିବାର ଯୋଜନା ରହିଛି। ତେଣୁ ଏବେ ମୋତେ ଅଧିକ ସମୟ ଜିମ୍‌ରେ କଟାଇବାକୁ ପଡୁଛି। ତା'ସହ ପ୍ରତିଦିନ ସକାଳେ ଘଣ୍ଟାଏ ଏବଂ ସନ୍ଧ୍ୟାରେ ଘଣ୍ଟାଏ ବକ୍ସିଂ ପ୍ରାକ୍ଟିସ କରୁଛି।' ତେବେ ବକ୍ସର୍ ଭାବରେ ଟାଇଗର ଦର୍ଶକଙ୍କୁ କେତେ ପ୍ରଭାବିତ କରିବେ ତାହା ଫିଲ୍ମଟି ପରଦା ଉପରକୁ ଆସିଲେ ହିଁ ଜଣାପଡିବ।



# ଆହାନ୍ ଯାହା ଖୋଜୁଥିଲେ..

ଆଉ ଜଣେ ଷ୍ଟାର୍ କିଡ୍ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ବିଗତ ଦିନର ଲୋକପ୍ରିୟ ଅଭିନେତା ସୁନୀଲ ସେଟ୍ଟିଙ୍କ ପୁଅ ଆହାନ୍। ହିନ୍ଦୀ ସିନେମାରେ ତାଙ୍କୁ ବ୍ରେକ୍ ଦେଇଛନ୍ତି ଆଗଧାଡିର ପ୍ରଯୋଜକ ସାଜିଦ ନାଡିୱାଡୱାଲା। ଫିଲ୍ମଟି ହେଲା 'ତଡପ୍'। ଏକ ଟିନ୍ ଏଜ ଲଭ୍ ଷ୍ଟୋରିକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମରେ ଆହାନ୍ କେବଳ ରୋମାଣ୍ଟିକ ନାୟକ ନୁହେଁ, ଆକ୍ସନ ଅବତାରରେ ମଧ୍ୟ ଦେଖିବାକୁ ମିଳିବେ। ନିଜର ପ୍ରଥମ ସିନେମା ବିଷୟରେ ସେ କହନ୍ତି, 'ଯେତେବେଳେ ସାଜିଦ ଅଙ୍କଲ୍ ମୋତେ ଏହି ଫିଲ୍ମ ପାଇଁ ଅଫର ଦେଲେ ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। ଅନ୍ୟ ଲଭ୍ ଷ୍ଟୋରିଠାରୁ ଏହାର କାହାଣୀ ଭିନ୍ନ। ଏଥିରେ ମୋତେ ଯେଉଁ ଚରିତ୍ରଟି ମିଳିଛି ତାହା ଆରମ୍ଭରୁ ହିଁ ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ମୋଟ ଉପରେ କହିବାକୁ ଗଲେ ମୁଁ ଯେଉଁଭଳି ସିନେମାରୁ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିଲି ତାହା ମୋତେ ମିଳିଯାଇଛି।' ଅନ୍ୟପକ୍ଷରେ ଏହାର ପ୍ରଥମ ଟ୍ରେଲର ଦେଖିବା ପରେ ଆହାନ୍‌ଙ୍କୁ ଅକ୍ଷୟ କୁମାର ପ୍ରଶଂସାରେ ପୋତି ପକାଇଛନ୍ତି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ମିଲନ ଲୁଥ୍ରିଆ। ଅଜୟ ଆରୋରା କାହାଣୀ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ପ୍ରୀତମ। ଏଥିରେ ଆହାନ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ତାରା ସୁଟାରିଆ ଏବଂ ସ୍ୱାତୀ କପୁର। ଅନ୍ୟପକ୍ଷରେ ସୁନୀଲ ସେଟ୍ଟି ମଧ୍ୟ ଏହି ଫିଲ୍ମରେ ଅଭିନୟ କରୁଛନ୍ତି। ତେଲୁଗୁ ଫିଲ୍ମ 'ଆରଏକ୍ସ-୧୦୦'ର ଏହି ରିମେକ୍ ଚଳଚ୍ଚିତ୍ରଟି ଚଳିତ ବର୍ଷ ସେପ୍ଟେମ୍ବର ୨୪ରେ ପରଦା ଉପରକୁ ଆସିବାର ଯୋଜନା ରହିଛି।



# ସଜବାଜ ହେଉଛନ୍ତି ନାରାୟଣ

ନିର୍ଦ୍ଦେଶକ ନାରାୟଣ ଘଡେଇ ଏବେ ଏକ ନୂଆ ସିନେମା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିଜର ନୂଆ ଯୋଜନା ବିଷୟରେ ନାରାୟଣ କହନ୍ତି, ''ସିନେମାଟିଏ ନିର୍ମାଣ କରିବା ଯେତିକି ରିସ୍କ ନିର୍ଦ୍ଦେଶନା ଦେବା ସେତିକି କଷ୍ଟକର। ଆଜିକାଲି କେତେଜଣ ନିର୍ଦ୍ଦେଶନା ବିଷୟରେ କିଛି ନ ଜାଣି ଏ ଲାଇନ୍‌ରେ ପାଦ ଦେଉଛନ୍ତି। ହେଲେ ନିର୍ଦ୍ଦେଶକ ହେବା ପୂର୍ବରୁ ସେ ସମ୍ପର୍କିତ ସବିଶେଷ ଜ୍ଞାନ ଅର୍ଜନ କରିବା ନିହାତି ଦରକାର।'' ନୟାଗଡ ଜିଲା ଓଡ଼ଗାଁ ଅନ୍ତର୍ଗତ ନନ୍ଦିଘୋର ଗ୍ରାମରେ ଜନ୍ମିତ ଏହି ନିର୍ଦ୍ଦେଶକଙ୍କ କ୍ୟାରିୟର ଆରମ୍ଭ ଭିଡିଓ ଆଲବମ୍‌ରୁ। ପାଖାପାଖି ୧୦୦ରୁ ଅଧିକ ଆଲବମ୍‌ର ନିର୍ଦ୍ଦେଶନା ଦେବା ସହ ୩୫ଟି ପ୍ରାମାଣିକ ଚଳଚ୍ଚିତ୍ର, ଧାରାବାହିକ, ସିଡୀ ଫିଲ୍ମର ନିର୍ଦ୍ଦେଶକ ସାଜି ସାରିଛନ୍ତି ନାରାୟଣ।

# ଇମୋଶନାଲ ଦିଶା

ଦିଶା ପଟାନିଙ୍କୁ ନେଇ ଏବେ ଚର୍ଚ୍ଚା। ନିକଟରେ ତାଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ଯେତେବେଳେ ସେ ଏହାର କାହାଣୀ ଶୁଣିଲେ ସେତେବେଳେ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା। ଏପରି କି ସେ ନିଜ ଲୁହକୁ ରୋକି ନ ପାରି କାନ୍ଦି ପକାଇଥିଲେ। ଆଉ ତାଙ୍କୁ ସାଧାରଣ ଅବସ୍ଥାକୁ ଆସିବାକୁ ଅଧ ଘଣ୍ଟା ଲାଗିଯାଇଥିଲା। ଏହି ନୂଆ ସିନେମାର କାହାଣୀ ଏକ ନାରୀର ସଂଘର୍ଷମୟ ଜୀବନୀ ଉପରେ ଆଧାରିତ। ଏ ନେଇ ଦିଶା କହନ୍ତି, 'ଯେତେବେଳ ଏହି ଫିଲ୍ମର କାହାଣୀ ଶୁଣିଲି ମୁଁ ଇମୋଶନାଲ ହୋଇପଡିଲି। ଏପରି କି ମୋ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। ଏଭଳି ଭୂମିକାଟିଏ ପାଇବା ସହଜ କଥା ନୁହେଁ। ଯେତେବେଳେ ପ୍ରଯୋଜକ ମୋ ଉପରେ ଭରସା କରି ଏହି ରୋଲ୍‌ର ଅଫର ମତେ ଦେଇଛନ୍ତି ତାହାକୁ ମୁଁ ସକ୍‌ସେସ୍ କରିବାକୁ ନିଶ୍ଚୟ ଚେଷ୍ଟା କରିବି।' ଟାଇଟଲ ଫାଇନାଲ ହୋଇ ନ ଥିବା ଉକ୍ତ ନୂଆ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଅନ୍ୟପକ୍ଷରେ ଦିଶା ଏବେ ଏକ ସିକୁଏଲ ଫିଲ୍ମରେ ଅଭିନୟ କରୁଛନ୍ତି, ଯାହାର ଟାଇଟଲ ରହିଛି 'ଏକ ଭିଲେନ୍ ରିଟର୍ନସ'। ଏହାର ନିର୍ଦ୍ଦେଶନା ଦେଉଛନ୍ତି ମୋହିତ ସୁରୀ।



ଦିଶା

# ହୋମ୍‌ସିକ୍ ରକୁଲ୍

ରକୁଲ ପ୍ରୀତ ସିଂଙ୍କୁ ଏବେ ଘର ନିଶା ଘାରିଛି। ଦେଖୁନାହାନ୍ତି, ଶୁଟିଂ ଶେଷ ହେବା ପରେ ସେ ଦୁଇ ସପ୍ତାହ ଭେକେସନ୍ କଟାଇବାକୁ ମାଳଦ୍ୱୀପ ଯିବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଏହି ପ୍ରୋଗ୍ରାମକୁ କ୍ୟାନ୍‌ସେଲ୍ କରିଥିଲେ ଆଉ ସିଧାସଳଖ ଘରେ ପହଞ୍ଚିଯାଇଥିଲେ। ଘରକୁ ଫେରିବା ପଛରେ ଆଉ ଏକ କାରଣ ମଧ୍ୟ ଥିଲା। ତାହା କ'ଣ ଜାଣନ୍ତି ? ସେ ନିଜ ବାର୍ଥ ଡେ'କୁ ନିଜ ଘରେ ପୁଣି ସାଙ୍ଗସାଥୀଙ୍କ ଗହଣରେ ପାଳନ କରିବାକୁ ଚାହୁଁଥିଲେ। ଏ ସମ୍ପର୍କରେ ରକୁଲ୍ କହନ୍ତି, 'ଏଥର ମୋ ବାର୍ଥ ଡେ' ସାଙ୍ଗମାନଙ୍କ ସହ ପାଳନ କରିବାକୁ ସେମାନଙ୍କୁ କଥା ଦେଇଥିଲି। ତେଣୁ ମୋତେ ମାଳଦ୍ୱୀପ ଟ୍ରିପ୍ କ୍ୟାନସେଲ କରିବାକୁ ପଡିଲା।' ଏହା ସହ ସେ ଦେଇଥିବା କଥା ମଧ୍ୟ ରଖିଛନ୍ତି। ନିଜ ଘରେ ସାଙ୍ଗମାନଙ୍କ ସହ ବେଶ୍ ଧୁମ୍‌ଧାମରେ ନିଜ ଜନ୍ମଦିନକୁ ପାଳନ କରିଛନ୍ତି ସେ। କେବଳ ସେତିକି ନୁହେଁ, ଏହି ସମୟର ଫଟୋଗୁଡିକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର ମଧ୍ୟ କରିଛନ୍ତି।



ରକୁଲ

# ପରିଣିତିଙ୍କ ଆଶା

କଥାରେ ଅଛି ଆଶା ଅସୁମାରି। ବେଳେବେଳେ ଏହା ନିଜର ସୀମା ଟପିଯାଇଥାଏ। ହେଲେ ସବୁ ଆଶା ତ ପୂରଣ ହୁଏନା। ଯେତେବେଳେ ଏହା ପୂରଣ ହୁଏ ସେତେବେଳେ ଖୁସି ବନ୍ଧବାଡ ମାନି ନ ଥାଏ। କଥା କ'ଣ କି ପଶୁପକ୍ଷୀଙ୍କୁ ଆଧାର କରି ନିର୍ମିତ ସିନେମାରେ ଅଭିନୟ କରିବାକୁ ପରିଣିତି ଚୋପ୍ରାଙ୍କର ଆଶା ଥିଲା, ଯାହା ନିକଟରେ ପୂରଣ ହୋଇଛି। ହଁ, ସେ ଅଭିନୟ କରିବାକୁ ଯାଉଥିବା ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ଆନିମଲ'। ଏ ସମ୍ପର୍କରେ ପରିଣିତି କହନ୍ତି, 'ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ବ୍ୟକ୍ତିଗତ ଜୀବନ ପାଇଁ ପ୍ରେରଣାର ଉତ୍ସ ସାଜିଛି। ଏହି ଭୂମିକାରୁ ଅନୁପ୍ରାଣିତ ହୋଇ ମୁଁ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଏକ ସଂସ୍ଥା ଗଠନ କରିବାକୁ ଯୋଜନା କରୁଛି।' ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଫିଲ୍ମ 'ଆନିମଲ୍'ରେ ପରିଣିତିଙ୍କ ବ୍ୟତୀତ ରଣବୀର କପୁର, ଅନିଲ କପୁର, ବବି ଦେଓଲ ମଧ୍ୟ ଅଭିନୟ କରୁଛନ୍ତି। ଏଥିରେ ଅନିଲ ବାପା ଭୂମିକାରେ ଏବଂ ତାଙ୍କର ପୁଅ ରୋଲ୍‌ରେ ଦେଖାଦେବେ ରଣବୀର। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି କବୀର ସିଂ। ଉକ୍ତ ସିନେମାଟି ଆସନ୍ତା ବର୍ଷ ଦଶହରାରେ ପରଦା ଉପରକୁ ଆସିବ।



ପରିଣିତି

# ଚାତୁରୀ ପ୍ରେମିକା ଭାରି ସିଆଣି, ଇସାରାରେ ନେଲା ମନକୁ କିଣି

**ପ୍ରଶ୍ନ**—ମୁଁ ଜଣେ ଝିଅକୁ ଭଲ ପାଉଛି। ସେ ମୋ କଥା ଶୁଣି ହସୁଛି। ହେଲେ ବେଳେବେଳେ ମୁହଁ ଫୁଲେଇ ଚାଲି ଯାଉଛି। କ'ଣ କରିବି ?

*–ତ୍ରିଲୋଚନ ସାହୁ, ବ୍ରହ୍ମପୁର*

**ଉତ୍ତର:** ଆପଣ ଯାହାକୁ ଭଲ ପାଉଛନ୍ତି ସେ ଆପଣଙ୍କ କଥା ଶୁଣି ହସି ଦେଉଛି। ଏହାର ଅର୍ଥ ସେହି ହସ ଭିତରେ ଆପଣଙ୍କ ପ୍ରେମିକାର ମନ କଥା ଲୁଚି ରହିଛି। ଏଥିରୁ ଯେତିକି ଅନୁମାନ କରାଯିବ ତାହା ହେଲା, ସେହି ସୁନ୍ଦରୀର ମନ ଆପଣଙ୍କ ଆଡକୁ ନିଶ୍ଚୟ ଢଳିଛି। ହେଲେ ସେପଟରୁ ଯେଉଁ ସିଗନାଲ ଆସୁଛି ତାକୁ ଆପଣ କ୍ୟାପଚର୍ କରିପାରୁନାହାନ୍ତି। ସେହି ପ୍ରେମିକା ଟିକେ ଚାତୁରୀ, ସିଆଣି। 'ଚାତୁରୀ ପ୍ରେମିକା ଭାରି ସିଆଣି, ଇସାରାରେ ନେଲା ମନକୁ କିଣି'। ବାସ୍, ଆଉ ବିଳମ୍ବ ନ କରି ତାହାର ମତିଗତି ଦେଖି ତାକୁ ମନର କଥାକୁ ଶୁଣାଇ ଦିଅନ୍ତୁ। ଯଦି ଠିକ୍ ସେଣ୍ଟର ଧରିଲା, ତେବେ ତେଣିକି ଧାଡି ଦେଖି ମାଡି ଚାଲନ୍ତୁ ନା !

**ପ୍ରଶ୍ନ**—ମୁଁ ଯାହାକୁ ଭଲ ପାଉଛି ତାହାର ଠିକଣା ମୋତେ ଜଣାନାହିଁ। ତାକୁ କେମିତି ପାଇବି ଜାଣିପାରୁନାହିଁ।

*–ପ୍ରଦୀପ ରାଉତ, ରାଉରକେଲା*

**ଉତ୍ତର:** ଯେତେବେଳେ ସେ ସୁନ୍ଦରୀ ମନରେ ଆପଣଙ୍କ ପାଇଁ ସ୍ଥାନଟିଏ ପକ୍କା କଲେ ସେତେବେଳେ ତାକୁ ତା' ଠିକଣା ବିଷୟରେ ପଚାରି ଦେଇଥିଲେ ଭଲ ହୋଇଥାଆନ୍ତା। ଏପରି ଲାଗୁଛି ଯେ କୌଣସି ଉଡା ପ୍ରେମିକା ପ୍ରେମରେ ଆପଣ ମସଗୁଲ୍। ଏବେ ତ ଆଉ କିଛି କରିବାର ଉପାୟ ନାହିଁ। ବାସ୍, କେବଳ ଅପେକ୍ଷା କରିବା ହିଁ ସାର। ଯଦି ତାହାର କୌଣସି ସାଙ୍ଗ କିମ୍ବା ନିକଟ ସମ୍ପର୍କୀୟଙ୍କ ବିଷୟରେ ଆପଣ ଜାଣିଛନ୍ତି ତାଙ୍କୁ ଏ ବିଷୟରେ ପଚାରି ପାରନ୍ତି। ଯଦି ସେଥିରେ ସଫଳ ନ ହେଲେ ତେବେ ସେପରି ପ୍ରେମକୁ 'ଦି ଏଣ୍ଡ' କରିଦେଲେ କ୍ଷତି କ'ଣ ?

**ପ୍ରଶ୍ନ**—ମୋର ଜଣେ ସାଙ୍ଗ ପ୍ରେମରେ ବିଫଳ ହୋଇ ନିକଟରେ ଆତ୍ମହତ୍ୟା କଲା। ସେ କ'ଣ ଠିକ୍ କଲା ?

*–ଆଶୁତୋଷ, ଯାଜପୁର*

**ଉତ୍ତର:** ଆପଣ କ'ଣ ଭାବୁଛନ୍ତି ଯେ ଆପଣଙ୍କ ସାଙ୍ଗ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଠିକ୍ ବୋଲି ? ସବୁ ସମସ୍ୟାର ସମାଧାନ ଆତ୍ମହତ୍ୟା ନୁହେଁ। ଯଦି ସେ ପ୍ରେମରେ ଅସଫଳ ହେଲେ ଥଣ୍ଡା ମିଜାସରେ ନିଜ ଭବିଷ୍ୟତ ବିଷୟରେ ଚିନ୍ତା କରିପାରିଥାଆନ୍ତେ। ହେଲେ ସେ ଜୀବନ ହାରିଦେବାକୁ ସ୍ଥିର କଲେ ଏବଂ ଯାହା ଭାବିଥିଲେ ତାହାକୁ ସତରେ ପରିଣତ କରି ଦେଖାଇଲେ। ଏହାଦ୍ୱାରା କିଛି ଲାଭ ହେଲା କି ? ତେଣୁ ଏଭଳି ମାନସିକତାରେ ପରିବର୍ତ୍ତନ ଆଣିବା ଦରକାର। ଯଦି ପ୍ରେମରେ ଅସଫଳ ହେଲେ ତେବେ ସେପରି ପ୍ରେମକୁ ଭୁଲି ଯାଇପାରିଥାଆନ୍ତେ। ମଣିଷ କ୍ରୋଧ ସମୟରେ ବେଳେବେଳେ ଏପରି ନିଷ୍ପତ୍ତି ନିଏ, ଯାହା ବିଷୟରେ ପରେ ଭାବିଲେ ନେଡି ଗୁଡ କହୁଣିକୁ ବୋହି ଯାଇଥାଏ।

**ପ୍ରଶ୍ନ**—ଏକାଥରେ ମୋର ଦୁଇ ଜଣ ସହପାଠୀ ମୋତେ 'ଆଇ ଲଭ୍ ୟୁ' କହୁଛନ୍ତି। ମୁଁ କାହାକୁ ପ୍ରେମିକା ଭାବରେ ଗ୍ରହଣ କରିବି ଜାଣିପାରୁନାହିଁ।

*–ଦିନେଶ, କଳାହାଣ୍ଡି*

**ଉତ୍ତର:** ଏହି ସମୟରେ ଆଦୌ ତରବର ହୋଇ ନିଷ୍ପତ୍ତି ନିଅନ୍ତୁ ନାହିଁ। ଦୁଇ ଜଣଙ୍କ ଭିତରୁ କିଏ ପ୍ରକୃତରେ ଆପଣଙ୍କୁ ଭଲ ପାଉଛି ପ୍ରଥମେ ଜାଣିବା ଦରକାର। ଏକାଥରେ ତ ଦୁଇ ଜଣଙ୍କୁ ପ୍ରେମିକା କରି ପ୍ରେମ ରାସ୍ତାର ଯାତ୍ରୀ ହୋଇପାରିବେ ନାହିଁ। କାରଣ ଏଥିରେ ଟେନ୍ସନ ହିଁ ଟେନ୍ସନ। ତେଣୁ ଏକୁଟିଆ ଶାନ୍ତ ମନରେ ବସି ଚିନ୍ତା କରନ୍ତୁ ଦୁଇ ଜଣଙ୍କ ଭିତରୁ କାହାକୁ ନିଜ ହୃଦୟରେ ସ୍ଥାନ ଦେବେ। କାରଣ ଭାବିଚିନ୍ତି ନିଷ୍ପତ୍ତି ନ ନେଲେ ଭବିଷ୍ୟତରେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥିବେ।




ପ୍ରଥମ ରୋଜଗାର

# ଦରମା ଟଙ୍କାରେ ଘରଲୋକଙ୍କ ପାଇଁ ଗିଫ୍ଟ କିଣିଥିଲି



**ଅଧ୍ୟାପିକା, ଅଭିନେତ୍ରୀ, ଉପସ୍ଥାପିକା ତଥା ସାମାଜିକ କର୍ମୀ ଅନନ୍ଦା ପ୍ରଭା ରାୟ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ମୋର ଜନ୍ମ ଭୁବନେଶ୍ୱର ଉପକଣ୍ଠସ୍ଥ ତମାଣ୍ଡୋ ଅଞ୍ଚଳରେ। ତମାଣ୍ଡୋ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିବା ପରେ ବିଜେବି କଲେଜରେ ପଢିଥିଲି। ସେଠାରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ସାରି ଏମ୍‌ସିଏ କଲି। ଏହାପରେ ହାଇଦ୍ରାବାଦସ୍ଥିତ ଏକ ସଫ୍ଟୱେର କମ୍ପାନୀରେ ସଫ୍ଟୱେର ଡେଭଲପର୍ ଭାବେ ଜଏନ୍ କଲି। ସେଠାରେ ମୋତେ ଦଶ ହଜାର ଟଙ୍କା ଦରମା ମିଳିଲା। ଛଅ ଭାଇଭଉଣୀ (ଚାରି ଭଉଣୀ ଓ ଦୁଇ ଭାଇ) ଭିତରେ ମୁଁ ଥିଲି ସବା ସାନ। ଘରର ସେମିତି କିଛି ଦାୟିତ୍ୱ ବି ମୋ ଉପରେ ନ ଥିଲା। ତେଣୁ ଛୁଟିରେ ଯେତେବେଳେ ଘରକୁ ଆସିଲି ପ୍ରଥମ ଦରମା ଟଙ୍କାରେ ସମସ୍ତଙ୍କ ପାଇଁ କିଛି ନା କିଛି ଗିଫ୍ଟ ନେଇକି ଆସିଥିଲି। ତା'ସହିତ ଠାକୁରଙ୍କ ପାଖେ ଭୋଗ କରିବାକୁ ବୋଉ ହାତରେ କିଛି ଟଙ୍କା ବି ଦେଇଥିଲି। ଘରଠାରୁ ଏତେ ଦୂରରେ ରହି ଚାକିରି କରିବାକୁ ଭଲ ନ ଲାଗିବାରୁ ୬ମାସ ପରେ ସେଠାରୁ ଚାକିରି ଛାଡି ଭୁବନେଶ୍ୱରସ୍ଥିତ ଏକ ସଫ୍ଟୱେର କମ୍ପାନୀରେ ଯୋଗ ଦେଲି। ପାଖାପାଖି ୨ବର୍ଷ ଏଠି କାମ କରିବା ପରେ ମୋ ବାହାଘର ହେଲା। ଶାଶୁଘର ବାଲେଶ୍ୱରରେ ହୋଇଥିବାରୁ ପୁଣି ଚାକିରି ଛାଡ଼ିବାକୁ ପଡ଼ିଲା। ହେଲେ କିଛିଦିନ ପରେ ସମସ୍ତଙ୍କ ଅନୁମତି କ୍ରମେ ମୁଁ ପୁନର୍ବାର ଚାକିରି କରିବାକୁ ମନସ୍ଥ କରି ରିଜିଓନାଲ୍ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟରେ କମ୍ପ୍ୟୁଟର୍ ସାଇନ୍ସର ଅଧ୍ୟାପିକା ଭାବେ ଯୋଗଦେଲି। ଏବେ ବି ମୁଁ ସେଠାରେ କାର୍ଯ୍ୟରତ। ତେବେ ଅଧ୍ୟାପନା ବ୍ୟତୀତ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପନା କରିବା ତଥା ଅଭିନୟ କ୍ଷେତ୍ରରେ ମଧ୍ୟ ମୋର ବିଶେଷ ରୁଚି ରହିଛି। କାରଣ ପିଲାଟି ଦିନରୁ ସ୍କୁଲ ଫଙ୍କସନ୍‌ରେ ନାଚି, ଅଭିନୟ କରି ମୁଁ ଅନେକ ପୁରସ୍କାର ପାଇଥିଲି। ଇଚ୍ଛା ଥିଲା ଏହି ଲାଇନ୍‌ରେ କ୍ୟାରିୟର କରିବି ବୋଲି। ହେଲେ ପାଠପଢା, ଚାକିରି ଆଉ ଘର ଜଞ୍ଜାଳ ଭିତରେ ଏଥିପ୍ରତି ଧ୍ୟାନ ଦେଇ ପାରି ନଥିଲି। ହଠାତ୍ ଏକ ସୁଯୋଗ ଦୂରଦର୍ଶନ ମୋତେ ଆଣିଦେଲା। ସେତେବେଳେ ଦୂରଦର୍ଶନ ତରଫରୁ 'ଆମ ରୋଷେଇ' କାର୍ଯ୍ୟକ୍ରମ ପାଇଁ ଉପସ୍ଥାପିକା ଆବଶ୍ୟକ ବୋଲି ଏକ ବିଜ୍ଞାପନ ବାହାରିଥିଲା। ମୁଁ ସେହି ବିଜ୍ଞାପନ ଦେଖି ଅଡିସନ୍ ଦେଲି ଆଉ ସେଥିରେ ସିଲେକ୍ଟ ବି ହେଲି। ବାସ୍ ତା'ପରଠୁ ମୋତେ ଗୋଟେ ପରେ ଗୋଟେ ସୁଯୋଗ ମିଳି ଚାଲିଲା। 'ଆମ ରୋଷେଇ' ପରେ ଦୂରଦର୍ଶନର 'ସଞ୍ଜୀବନୀ' କାର୍ଯ୍ୟକ୍ରମର ବି ଉପସ୍ଥାପନା କଲି। ଏଥିସହିତ ବିଭିନ୍ନ ଘରୋଇ ଚ୍ୟାନେଲ୍ ତରଫରୁ ଅନେକ ଆଧାତ୍ମିକ କାର୍ଯ୍ୟକ୍ରମର ମଧ୍ୟ ଉପସ୍ଥାପନା କରିଥିଲି। କେବଳ ସେତିକି ନୁହେଁ ଯା'ଭିତରେ ଦୂରଦର୍ଶନ ତରଫରୁ ପ୍ରାୟ ୭/୮ଟି ତଥା ଅନ୍ୟ ଘରୋଇ ଚ୍ୟାନେଲ ତରଫରୁ ହାତଗଣତି କେତୋଟି ଡକ୍ୟୁମେଣ୍ଟାରୀ ଫିଲ୍ମରେ ମଧ୍ୟ ମୁଁ ଅଭିନୟ କରିସାରିଲିଣି। ଏସବୁବାଦ୍ ମୋ ଝିଅ ଆଲିଶା ନାମରେ ୨୦୧୭ରୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢି ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟରେ ବି ନିଜକୁ ସାମିଲ କରିପାରିଛି। ବିଶେଷକରି ଏହି ଅନୁଷ୍ଠାନ ପ୍ରତିବର୍ଷ ଜୁଲାଇ ମାସର ଶେଷ ରବିବାର ଦିନ ପଚାଶ ବର୍ଷର ସୁଖୀ ଦାମ୍ପତ୍ୟ ଅତିବାହିତ କରିଥିବା ଦମ୍ପତିମାନଙ୍କୁ ଆମନ୍ତ୍ରିତ କରି ସେମାନଙ୍କର ୫୦ତମ ବିବାହ ବାର୍ଷିକୀ ପାଳନ କରିବା ସହ ସେମାନଙ୍କ ମୁହଁରେ ହସ ଫୁଟାଇବାର ଏକ ଭିନ୍ନ ପ୍ରୟାସ ଆରମ୍ଭ କରିଛି। ଏଥିସହିତ ୨୦୧୮ରୁ ପ୍ରତି ଶିଶୁଦିବସ ଦିନ 'ମନେପଡ଼େ ପିଲାଦିନ' ନାମରେ ଏକ ନିଆରା କାର୍ଯ୍ୟକ୍ରମ ବି ଉକ୍ତ ଅନୁଷ୍ଠାନ କରିଆସୁଛି। ଏଥିରେ ମୁଖ୍ୟତଃ ୫୦/୬୦ ବର୍ଷର ବୃଦ୍ଧାବୃଦ୍ଧ ଓ ତାଙ୍କର ଗୁରୁଙ୍କୁ ଆମନ୍ତ୍ରିତ କରାଯାଇ ସେମାନଙ୍କ ମଧ୍ୟରେ ଥିବା ପୁରୁଣା ସ୍ମୃତିକୁ ପୁଣିଥରେ ଉଜ୍ଜୀବିତ କରିବାର ଉଦ୍ୟମ କରାଯାଉଛି। ଏହାଛଡ଼ା ବର୍ଷର ବିଭିନ୍ନ ସମୟରେ ଅନାଥାଶ୍ରମ, ବୃଦ୍ଧାଶ୍ରମ ତଥା ବସ୍ତି ଅଞ୍ଚଳକୁ ଯାଇ ସେମାନଙ୍କୁ ଖାଦ୍ୟ, ବସ୍ତ୍ର ବାଣ୍ଟିବା ସହ ସେମାନଙ୍କର ଭଲମନ୍ଦ କଥା ବି ଏହି ଅନୁଷ୍ଠାନ ବୁଝୁଛି। ତେଣୁ ଏହି ଅନୁଷ୍ଠାନ ମାଧ୍ୟମରେ ସମାଜର କିଛି ହିତ ସାଧନ କରିବାର ସୁଯୋଗ ମୋତେ ମିଳିଥିବାରୁ ଖୁବ୍ ଆତ୍ମଶାନ୍ତି ପାଇପାରୁଛି।

*–ଅସ୍ମିତା*

# ସବୁଠୁ ବଡ଼ ଆବକ୍ଷ ମୂର୍ତ୍ତି



ତାମିଲନାଡୁ କୋଏମ୍ବାଟୁରରେ ଅଛି ଦେବ ଦେବ ମହାଦେବଙ୍କର ସବୁଠାରୁ ବଡ଼ ଆବକ୍ଷ ପ୍ରତିମୂର୍ତ୍ତି। ଷ୍ଟିଲ୍‌ରେ ତିଆରି ଉକ୍ତ ପ୍ରତିମୂର୍ତ୍ତିର ଉଚ୍ଚତା ୧୧୨.୪ ଫୁଟ୍ ହୋଇଥିବାବେଳେ ଲମ୍ବ ୧୪୭ ଫୁଟ୍ ଏବଂ ଓସାର ୮୨ ଫୁଟ୍। ଗିନିଜ୍ ୱାର୍ଲଡ୍ ରେକର୍ଡସ୍‌ରେ ଉକ୍ତ ମୂର୍ତ୍ତି ସବୁଠାରୁ ବଡ଼ ଆବକ୍ଷ ସ୍ଥାପତ୍ୟ ଭାବେ ସ୍ଥାନ ପାଇଛି। ଏହାର ଡିଜାଇନ୍ କରିଥିଲେ ସାଧୁଗୁରୁ ଜଗ୍ଗି ବାସୁଦେବ। ଇଶା ଯୋଗ ଫାଉଣ୍ଡେଶନ୍ ଦ୍ୱାରା ଏହାର ନିର୍ମାଣ ହୋଇଛି। ଉକ୍ତ ପ୍ରତିମୂର୍ତ୍ତିର ଓଜନ ୫୦୦ ଟନ୍ । 'ଆଦିଯୋଗୀ' ମୂର୍ତ୍ତି ନାମରେ ଉକ୍ତ ସ୍ଥାପତ୍ୟ ପରିଚିତ। ଆଦିଯୋଗୀର ଅର୍ଥ ହେଉଛି 'ପ୍ରଥମ ଯୋଗୀ' ବା 'ଯୋଗର ମୂଳକର୍ତ୍ତା'। ପ୍ରତିମୂର୍ତ୍ତି ସ୍ଥାପନର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କୁ ଯୋଗ ମାଧ୍ୟମରେ ଆଭ୍ୟନ୍ତରୀଣ ସୁସ୍ଥତା ଆଣିବା ଲାଗି ପ୍ରେରଣା ଦେବା। ୨୦୧୭ ଫେବୃୟାରୀ ୨୪ ମହାଶିବରାତ୍ରି ଅବସରରେ ଉକ୍ତ ମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରିଥିଲେ। ଏବେ ଏହି ବିଶାଳ ପ୍ରତିମୂର୍ତ୍ତିକୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ କୋଏମ୍ବାଟୁର ଆସୁଛନ୍ତି।

ଗପ ନୁହେଁ

# ମା' ଆଣିଥିଲା ଦାନ୍ତ କାଠି

–ଅଜିତ କୁମାର ସାହୁ

ମେଡିକାଲର ପାଖ ବେଡ୍। କୁନି ପୁଅଟେ ଶୋଇଥାଏ। କ୍ଷୀଣ ଶରୀର, ହସହସ ମୁହଁ, ପାଖରେ କେହି ନାହିଁ। ମଝିରେ ମଝିରେ ଡାକ୍ତର ଆସି ହାଲ୍ ପଚାରି କିଛି ଔଷଧ ଦେଇ ଫେରିଯାଉଥାନ୍ତି। ପିଲାଟିକୁ ପଚାରିଲି ବାପରେ କ'ଣ ହୋଇଛି ତୋର । ନିରୀହ ଆଖିରେ ବଲ ବଲ କରି ମୋ ମୁହଁକୁ ଚାହିଁଲା । ଧୀରେ କହିଲା, ଜାଣିନି। ବାସ୍ ଏତିକି କହିବା ବେଳକୁ ସେ ହାଲିଆ ଲାଗୁଥିଲା । ଅପେକ୍ଷା କଲି ଡାକ୍ତର ଆସିଲେ ପଚାରିବି । ଉପରବେଳା ରାଉଣ୍ଡରେ ଡାକ୍ତର ଆସିଲେ। ପିଲାଟିର ସ୍ୱାସ୍ଥ୍ୟ ପରୀକ୍ଷା କଲେ । ଏହାପରେ ନର୍ସ କିଛି ମେଡିସିନ ଖୁଆଇଦେଲେ । ଏତିକି ବେଳେ ମୁଁ ଡାକ୍ତରଙ୍କ ପାଖକୁ ଯାଇ ପଚାରିଲି, ସାର୍ ପିଲାଟିର କ'ଣ ହୋଇଛି । ଡାକ୍ତରଙ୍କ ଉତ୍ତର ଥିଲା ରକ୍ତ ଅଭାବ। ମୁଁ କହିଲି, ଯଦି ଡୋନର୍ ମିଳୁନାହାନ୍ତି ତେବେ ମୁଁ ଦେବାକୁ ରାଜି ଅଛି । କିନ୍ତୁ ଡାକ୍ତରଙ୍କ ଉତ୍ତର ମୋତେ ଆଶ୍ଚର୍ଯ୍ୟ କରିଥିଲା । ସେ କହିଲେ, ପିଲାଟିର ବ୍ଲଡ ଗ୍ରୁପ ଅତି ବିରଳ । ସାରା ଦୁନିଆରେ ଏହି ବିରଳ ରକ୍ତ ବହୁତ କମ୍ ଲୋକଙ୍କ ଶରୀରରେ ଥାଏ । ବ୍ଲଡ ଗ୍ରୁପର ନାଁ ପଚାରି କାଗଜରେ ଟିପିଦେଲି । ପିଲାଟିର ଗାଁ, ନାଁ ଓ ଠିକଣା ବି ଡାକ୍ତରଙ୍କ ଠିଠାରୁ ଟିପିନେଲି । ମନରେ ପ୍ରଶ୍ନ ଆସିଲା ପିଲାଟିର ପରିବାର ସହ ଯୋଗାଯୋଗ କଲେ ସମସ୍ୟାର ସମାଧାନ ହୋଇପାରନ୍ତା । ଅନ୍ୟ ୱାର୍ଡକୁ ଯାଉଥିବା ବେଳେ ଡାକ୍ତରଙ୍କୁ ଦଉଡି ଯାଇ ଏକଥା ପଚାରିଲି । ସେ କହିଲେ, 'ହୁଏତ ସମାଧାନ ହୋଇପାରେ। ହେଲେ ପିଲାଟିର ଘର ଅବିଭକ୍ତ କୋରାପୁଟର ବଣ ମୁଲକରେ । ଯୋଗାଯୋଗ କରିବା ମୁସ୍କିଲ।' ଏତିକି ବେଳେ ଡାକ୍ତର କହୁ କହୁ କହିଦେଲେ ଯେ, ଆମ ହାତରେ ଆଉ ମାତ୍ର ୨ ଦିନ ସମୟ । ଏହି ସମୟ ଭିତରେ ରକ୍ତ ଯୋଗାଡ ହୋଇ ନ ପାରିଲେ ଭଗବାନ ହିଁ ଭରସା । ଡାକ୍ତରଙ୍କ ମୁହଁରୁ ଏତିକି ଶୁଣିବା ବେଳକୁ ମୋ ଆଖି ଜକେଇ ଆସିଥିଲା, ନିରୀହ କୁନି ପିଲାର ମୁହଁ ଆଖି ଆଗରେ ନାଚିଯାଉଥିଲା । ଭାବିଲି ମୁଁ କ'ଣ କିଛି କରିପାରିବି ନାହିଁ। ଏତିକି ବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ କଲେଜରେ ମୋର ଜଣେ ସାଙ୍ଗ ଅଧ୍ୟାପକ ଥିବା କଥା ମନେପଡ଼ିଗଲା । ମନରେ ଆଶା ନେଇ ତାକୁ ଫୋନ୍ କଲି । ସବୁ କଥା କହିବା ପରେ ପିଲାଟିର ଗାଁ ଠିକଣା ଦେଲି । ପିଲାଟିର ପରିବାର ଲୋକଙ୍କୁ ଟିକିଏ ଭୁବନେଶ୍ୱର ପଠାଇବା ବ୍ୟବସ୍ଥା କରିଦେବାକୁ ଅନୁରୋଧ କଲି । ମୋ କଥା ସରିବା ଆଗରୁ ସେ ହଁଟିଏ ଭରିଲା । ବାସ୍ ମୋତେ ଲାଗୁଥିଲା ଏବେ ଆଉ କିଛି ଅସୁବିଧା ନାହିଁ । ମୋ ସାଙ୍ଗ ଘରଠାରୁ ପିଲାଟିର ଗାଁ ପାଖାପାଖି ୨୦ରୁ ୨୫ କିଲୋମିଟର ହେବ । ୨ରୁ ୩ଟି ପାହାଡ ଅତିକ୍ରମ କରି ଚାଲିଚାଲି ଯିବାକୁ ପଡ଼ିବ । ସାଙ୍ଗ ପାଖରୁ ଏତିକି ଶୁଣିବା ପରେ ମୁଁ ତାକୁ କହିଲି, ପାରିବୁ ଯଦି ଚେଷ୍ଟାକର । ତା' ସହ ମୋର ଫୋନରେ ଯୋଗାଯୋଗ ଥାଏ । ତା' ପରଦିନ ସକାଳୁ ସକାଳୁ ସାଙ୍ଗର ଫୋନ ଆସିଲା । କହିଲା ପିଲାଟିର ମାଆ ଓ ଭଉଣୀଙ୍କୁ ଟିକଟ କରି ବସରେ ବସେଇ ଦେଇଛି । ଆଜି ସଂଧ୍ୟାସୁଦ୍ଧା ବୋଧେ ଭୁବନେଶ୍ୱରରେ ପହଞ୍ଚିଯିବେ । ଓଃ... ମନରେ ଟିକିଏ ଆଶାର କିରଣ ଦେଖାଦେଲା । ଆଉ ପିଲାଟିର କିଛି ହେବନି । ଏପଟେ ମୁଁ କିଛି ସ୍ୱେଚ୍ଛାସେବୀଙ୍କୁ ବ୍ଲଡ ଗ୍ରୁପ ବାବଦରେ କହି ଯୋଗାଯୋଗ କରୁଥିଲି । ସଞ୍ଜ ନଇଁଲା ବେଳକୁ ବସ୍ ଆସି ଭୁବନେଶ୍ୱରରେ ପହଞ୍ଚି ସାରିଥିଲା । ମାଆ ଓ ଭଉଣୀ ହସ୍‌ପିଟାଲକୁ ଆସିଲେ । ଏମାନଙ୍କୁ ଦେଖୁଦେଖୁ ପରିଚୟ ପଚାରିବା ସହ ଡାକ୍ତରଙ୍କ ପାଖକୁ ଦଉଡ଼ିଲି । କହିଲି ସାର୍, ସମସ୍ୟାର ସମାଧାନ ହୋଇଯିବ । ପିଲାଟିର ମାଆ ଓ ଭଉଣୀ ଆସିଲେଣି, ୨ ଜଣଙ୍କ ରକ୍ତ ପରୀକ୍ଷା କରିବାକୁ ଡାକ୍ତରଙ୍କୁ କହିଲି । ଆଶା ନିଶ୍ଚିତ ବ୍ଲଡ ଗ୍ରୁପ ମ୍ୟାଚ କରିବ । ମନେମନେ ଭଗବାନଙ୍କୁ କୃତଜ୍ଞତା ଜଣାଉଥିଲି । ମୋ କଥା ଶୁଣି ଡାକ୍ତର ବି ତତ୍ପରତା ପ୍ରକାଶ କଲେ । ନର୍ସଙ୍କୁ କହି ୨ ଜଣଙ୍କ ରକ୍ତ ପରୀକ୍ଷା କରାଗଲା । କିଛିସମୟ ପରେ ନର୍ସ ଆସି ନିରାଶା ବାଣୀ ଶୁଣାଇଲେ, କହିଲେ ଆଜ୍ଞା ଗ୍ରୁପ୍ ମ୍ୟାଚ କରୁନି । ସେତେବେଳକୁ ମୁଁ ଭାଙ୍ଗିପଡିଥିଲି । ଡାକ୍ତରଖାନା ୱାର୍ଡ ବାହାରକୁ ଯାଇ ଶେଷ ଆଶା ସ୍ୱେଚ୍ଛାସେବୀଙ୍କୁ ପୁଣି ଯୋଗାଯୋଗ କଲି । ସେପଟୁ ଉତ୍ତର ଆସିଲା, ଆଉ ୧୦ରୁ ୧୫ ମିନିଟ ଭିତରେ କିଛି ଗୋଟେ ଖବର ମିଳିଯିବ। ଆମେ ଆପଣଙ୍କୁ କଲ୍ ବ୍ୟାକ କରିବୁ ବୋଲି ସେ ମୋତେ କହିଲେ । ଡାକ୍ତର ଦେଇଥିବା ସମୟ ସରି ଆସିବା ସହ ପିଲାଟି ଧୀରେଧୀରେ ନିସ୍ତେଜ ହେଉଥିଲା । ଡାକ୍ତରଖାନା ବାରଣ୍ଡାରେ ମୁ ଏପାଖ ସେପାଖ ଚିନ୍ତାରେ ଚାଲୁଥାଏ । ଠିକ୍ ୫ ମିନିଟ୍ ପରେ କଲ୍ ବ୍ୟାକ କଲେ ଜଣେ ସ୍ୱେଚ୍ଛାସେବୀ । କହିଲେ, ବେଙ୍ଗାଲୁରୁରେ ଥିବା ଜଣେ ଓଡ଼ିଆଙ୍କର ଏହି ବିରଳ ବ୍ଲଡ ଗ୍ରୁପ। ତାଙ୍କ ଘର କଟକ ଓ ସେ ଆଜି ଘରକୁ ଆସିଛନ୍ତି । ସେ ରକ୍ତ ଦେବାକୁ ରାଜି ଅଛନ୍ତି। ପିଲାଟିର ମେଡିକାଲ ବେଡ୍ ଠିକଣା ଦେଲେ ଆମେ ବ୍ୟବସ୍ଥା କରିବୁ ବୋଲି ସେ ଆଶ୍ୱାସନା ଦେଲେ। ଭଗବାନଙ୍କୁ ମନେ ମନେ କୃତଜ୍ଞତା ଜଣାଇ ମେଡିକାଲ ବେଡ୍ ପାଖକୁ ଆସିଲି । ଦେଖିଲି ବେଡ୍ ଉପରେ ପିଲାଟି ବସି କ'ଣ ଗୋଟେ କାଠିକୁ ଚୋବୋଉଛି। ପିଲାଟିର ମାଆକୁ ପଚାରିଲି ଏଇଟା କ'ଣ । ଆଦିବାସୀ ମିଶା ଓଡ଼ିଆରେ କହିଲେ ବାପରେ, ଏଇଟା ଔଷଧ ଦାନ୍ତ କାଠି। ଏଇଟା ଚୋବେଇଲେ ଦେହରେ ରକ୍ତ ହେବ । ଅସହାୟ ମାଆର ଦାନ୍ତକାଠି ଔଷଧ ବୋଧେ ପିଲାଟିକୁ ଅଧା ଭଲ କରିଦେଇଥିଲା । ସେପଟେ ରାତିସୁଦ୍ଧା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଯୋଗାଡ଼ ସେହି ବିରଳ ଗ୍ରୁପ୍‌ର ରକ୍ତ ବି ପିଲାଟିର ଶରୀରକୁ ଯାଇସାରିଥିଲା । ....

–ତୁମୁଡିବନ୍ଧ, କନ୍ଧମାଳ, ମୋ: ୯୪୩୭୨୧୬୯୨୬



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ତନୁଶ୍ରୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ବିଶ୍ୱାସ

ଚୋର ଏକ ଘରକୁ ଚୋରି କରିବାକୁ ଯାଇଥାଏ। ଲକର୍ ଭାଙ୍ଗିବା ବେଳକୁ ଦେଖିଲା ସେଥିରେ ଲେଖାଥିଲା- ''ଲକର୍ ଭାଙ୍ଗିବା ଦରକାର ନାହିଁ। ଏଠି ଥିବା ସୁଇଚ୍ ଚିପି ଦିଅ। ଲକର୍ ଖୋଲିଯିବ।'' ଚୋର ଖୁସିରେ ସୁଇଚ୍ ଚିପି ଦେଲା। କିଛି ସମୟ ପରେ ପୋଲିସ୍ ଆସି ପହଞ୍ଚିଗଲେ। ଆଉ ଚୋରକୁ ଆରେଷ୍ଟ କରିନେଲେ।

ପୋଲିସ୍ ଚୋରକୁ- ନିଜ ସଫେଇରେ କିଛି କହିବାକୁ ଚାହୁଁଛ ?

ଚୋର-କ'ଣ ଆଉ କହିବି, ଲୋକଙ୍କ ଉପରୁ ବିଶ୍ୱାସ ଉଠିଗଲା।

## ଲାଜ କଥା

ମଣ୍ଟୁ ମୁନାକୁ- ତୋ ବାପା ଟେଲର୍। ତଥାପି ତୁ ଚିରା ଶାର୍ଟ ପିନ୍ଧିକି ଆସୁଛୁ। ଲାଜ ଲାଗିବା କଥା।

ମୁନା- ତତେ ବି ଲାଜ ଲାଗିବା କଥା ଯେ, ତୋ ବାପା ଡେଣ୍ଟିଷ୍ଟ ହୋଇ ମଧ୍ୟ ତୋ ସାନ ଭାଇ ବିନା ଦାନ୍ତରେ ଜନ୍ମ ହେଲା।

## ଖିରି

ରାଜୁ ଗୋପକୁ- କାଲି ମୁଁ ଭୋଜି ଖାଇବାକୁ ଯାଇଥିଲି। ସେଠି କ'ଣ ହେଲା ଜାଣିଛୁ ?

ଗୋପ- କ'ଣ ହେଲା ?

ରାଜୁ- ମୁଁ ଟେବୁଲ ଉପରେ ମାସ୍କ ରଖି ଭୋଜି ଖାଉଥାଏ। ଜଣେ ଆସି ମୋ ମାସ୍କରେ ଖିରି ବାଢିଦେଇ ଚାଲିଗଲା।



# ନଟରାଜ୍ ମନ୍ଦିର



ଭଗବାନ ଶିବଙ୍କୁ ସମର୍ପିତ ନଟରାଜ୍ ମନ୍ଦିରଟି ତାମିଲନାଡୁର କୁଡ୍ଡାଲୋର୍ ଜିଲା ଅନ୍ତର୍ଗତ ଚିଦଂବରମ୍‌ଠାରେ ଅବସ୍ଥିତ। ସେଥିପାଇଁ ଏହା ଚିଦଂବରମ୍ ନଟରାଜ୍ ମନ୍ଦିର ବା ଚିଦଂବରମ୍ ମନ୍ଦିର ଭାବେ ମଧ୍ୟ ପରିଚିତ....



ନଟରାଜ୍ ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ ଏକ ହିନ୍ଦୁ ମନ୍ଦିର ଅଟେ ; ଯାହା ତାମିଲନାଡୁର ମନ୍ଦିର ନଗରୀ ଭାବେ ଖ୍ୟାତ ଚିଦଂବରମ୍‌ଠାରେ ଅବସ୍ଥିତ। ଏହି ମନ୍ଦିରର ବିଶେଷତା ହେଉଛି ଅନ୍ୟ ଶୈବପୀଠ ଭଳି ଏଠାରେ ଶିବଲିଙ୍ଗଙ୍କୁ ପୂଜା କରା ନ ଯାଇ ନାନାଦି ଆଭୂଷଣରେ ସଜ୍ଜିତ ଭଗବାନ ଶିବଙ୍କର ମାନବରୂପୀ ନଟରାଜ ମୂର୍ତ୍ତି (ନୃତ୍ୟ କରୁଥିବାର ମୂର୍ତ୍ତି)କୁ ଉପାସନା କରାଯାଇଥାଏ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଏହି ଦେବତା ହେଉଛନ୍ତି ବେଶ୍ ପ୍ରତ୍ୟକ୍ଷ। ମାନସିକ କରି ଭକ୍ତଟିଏ ତାଙ୍କୁ କିଛି ମାଗିଲେ, ସିଏ ଭକ୍ତର ଗୁହାରି ଶୁଣିଥାନ୍ତି। ସେଥିପାଇଁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ବେଶ୍ ଭିଡ ଦେଖିବାକୁ ମିଳିଥାଏ।

## ମନ୍ଦିରକୁ ନେଇ ପୌରାଣିକ କଥା

ଏକଦା ଏହି ସ୍ଥାନଟି ଜଙ୍ଗଲ ପରିବେଷ୍ଟିତ ହୋଇଥିଲା, ଯେଉଁଠାରେ ଏକାଧିକ ସାଧୁ ରହୁଥିଲେ। ଆଉ ସେମାନେ ତିଲିସ୍ମି ଶକ୍ତି ଉପରେ ବିଶ୍ୱାସ କରୁଥିଲେ। ସେମାନଙ୍କର ଧାରଣା ଥିଲା, ସଂସ୍କାର, ମନ୍ତ୍ର ତଥା ତାନ୍ତ୍ରିକ ଶବ୍ଦର ପ୍ରୟୋଗ ଦ୍ୱାରା ଭଗବାନଙ୍କୁ ବଶୀଭୂତ କରିହେବ। ଥରେ ହର ହର ମହାଦେବ ଭିକ୍ଷୁକ ବେଶରେ ଉକ୍ତ ଜଙ୍ଗଲ ଭ୍ରମଣରେ ଆସିଥାନ୍ତି। ସାଙ୍ଗରେ ତାଙ୍କ ସହଚରୀ ହୋଇ ମୋହିନୀ ବେଶରେ ପ୍ରଭୁ ବିଷ୍ଣୁ ବି ଚାଲିଥାନ୍ତି। ଜଙ୍ଗଲରେ ରହୁଥିବା ସାଧୁ ଖାସ୍‌କରି ତାଙ୍କ ପତ୍ନୀଗଣ ଉକ୍ତ ଭିକ୍ଷୁକ ଓ ତାଙ୍କ ସହଚରୀଙ୍କର ଅପୂର୍ବ ସୌନ୍ଦର୍ଯ୍ୟକୁ ଦେଖି ମୋହିତ ହୋଇଗଲେ। ପତ୍ନୀମାନଙ୍କୁ ଏମିତି ଭାବେ ମୋହିତ ହେଉଥିବା ଦେଖି ସାଧୁଗଣ କ୍ରୋଧିତ ହୋଇ ତାନ୍ତ୍ରିକ ମନ୍ତ୍ରଦ୍ୱାରା ଅନେକ ସାପକୁ ସେଠାକୁ ଆମନ୍ତ୍ରିତ କରି ଆଣିଲେ। ହେଲେ ଭିକ୍ଷୁକ ବେଶଧାରୀ ଭଗବାନ ଶିବ ସେହି ସାପକୁ ଧରି ଆଭୂଷଣ ଭାବେ ବେକରେ, ଅଣ୍ଟାରେ ଓ ଜଟାରେ ଗୁଡ଼ାଇ ଦେଇଥିଲେ। ଏହାଦେଖି ସାଧୁମାନେ ଆହୁରି କ୍ରୋଧିତ ହୋଇ ମନ୍ତ୍ର ଦ୍ୱାରା ଏକ ଭୟଙ୍କର ବାଘକୁ ପ୍ରକଟ କଲେ। ହେଲେ ଶିବ ଭଗବାନ ତା'ର ବି ଚମଡ଼ା କାଢ଼ିକି ଚାଦର ଭଳି ଅଣ୍ଟାରେ ଗୁଡ଼ାଇ ଦେଇଥିଲେ। ଏସବୁ ଦେଖି ସାଧୁଗଣ ପୂରା ହତୋତ୍ସାହିତ ହୋଇ ସେମାନଙ୍କର ସମସ୍ତ ଶକ୍ତି ଖଟାଇ ଏକ ଶକ୍ତିଶାଳୀ ରାକ୍ଷସକୁ ଆହ୍ୱାନ କଲେ, ଯିଏ କି ଅଜ୍ଞାନତା ଓ ଅହଙ୍କାରର ବଶୀଭୂତ ହୋଇ ଭଗବାନଙ୍କୁ ଚିହ୍ନି ନ ପାରି ତାଙ୍କୁ ଆକ୍ରମଣ କରିଥିଲା। ହେଲେ ଭଗବାନ ଶିବ ସେହି ରାକ୍ଷସକୁ ମୁହୂର୍ତ୍ତକ ମଧ୍ୟରେ ତଳେ ପକାଇ ସ୍ମିତ ହାସ୍ୟରେ ତା' ପିଠି ଉପରେ ଚଢ଼ି ତାକୁ ଉଠିବା ପାଇଁ ଅସମର୍ଥ କରିଦେଲେ। ଆଉ ତା' ପିଠି ଉପରେ ଆନନ୍ଦ ତାଣ୍ଡବ(ଶାଶ୍ୱତ ତାଣ୍ଡବ ନୃତ୍ୟ) କରି ନିଜ ବାସ୍ତବ ରୂପକୁ ପ୍ରଦର୍ଶିତ କରିଥିଲେ। ଏହାକୁ ଦେଖି ସାଧୁଗଣ ନିଜର ଭୁଲ୍ ବୁଝିପାରି ଭଗବାନଙ୍କ ଶରଣ ଯାଇଥିଲେ। ସେବେଠାରୁ ଏଠାରେ ଭଗବାନଙ୍କର ଶାଶ୍ୱତ ତାଣ୍ଡବ ନୃତ୍ୟ କରୁଥିବାର ପ୍ରତୀମା ବା ନଟରାଜ ପ୍ରତୀମାକୁ ପୂଜା କରାଯାଉଛି ବୋଲି ବିଶ୍ୱାସ ରହିଛି।

## ଆନନ୍ଦ ତାଣ୍ଡବ ମୁଦ୍ରାର ମହତ୍ତ୍ୱ

ଭଗବାନ ଶିବଙ୍କର ଏହି ଆନନ୍ଦ ତାଣ୍ଡବ ମୁଦ୍ରା ଏକ ଅତ୍ୟନ୍ତ ପ୍ରସିଦ୍ଧ ମୁଦ୍ରା ଅଟେ। ଏହି ବ୍ରହ୍ମାଣ୍ଡୀୟ ନୃତ୍ୟ ମୁଦ୍ରା ଆମକୁ ଅନେକ କିଛି ଶିକ୍ଷା ଦେଇଥାଏ ; ଯେମିତି କି:

-ନଟରାଜ ମୂର୍ତ୍ତିଙ୍କ ପାଦତଳେ ରହିଥିବା ରାକ୍ଷସ ଆମକୁ ଏହା ଜଣାଏ ଯେ, ଅଜ୍ଞାନତା ଭଗବାନଙ୍କ ଚରଣ ତଳେ ରହିଛି।

-ପ୍ରଭୁଙ୍କର ଗୋଟିଏ ହାତରେ ରହିଥିବା ଅଗ୍ନି (ନଷ୍ଟ କରିବାର ଶକ୍ତି) ଏକଥାର ପ୍ରତୀକ ଅଟେ ଯେ, ସମସ୍ତ ପାପୀ ତଥା ଦୁରାଚାରୀଙ୍କୁ ନଷ୍ଟ କରିବାର ଶକ୍ତି ତାଙ୍କ ପାଖରେ ରହିଛି।

-ସେହିପରି ଅନ୍ୟ ଏକ ହାତରେ ଶୋଭା ପାଉଥିବା ଡମ୍ବରୁ ଜୀବନ ଉତ୍ପତ୍ତିର ପ୍ରତୀକ ହୋଇଥାଏ।

-ତା'ଛଡ଼ା ମୂର୍ତ୍ତିରେ ଦର୍ଶିତ ଆଶୀର୍ବାଦ ଭଙ୍ଗୀରେ ଉପରକୁ ଉଠାଯାଇଥିବା ହାତ ଦୁଇଟି ଏହା ଦର୍ଶାଇଥାଏ ଯେ, ସେ ହେଉଛନ୍ତି ସମସ୍ତ ଜୀବଙ୍କର ଉଦ୍ଧାରକ।

-ଅନ୍ୟପକ୍ଷେ ପ୍ରଭୁଙ୍କ ପଛ ଭାଗରେ ରହିଥିବା ଚକ୍ର ବ୍ରହ୍ମାଣ୍ଡର ପ୍ରତୀକ ହୋଇଥାଏ।

## ମନ୍ଦିରର ବାସ୍ତୁକଳା ଓ ମହତ୍ତ୍ୱ

ସୂଚନାନୁଯାୟୀ, ପ୍ରାୟ ଚାଳିଶ ଏକର ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଛି ଭଗବାନ ଶିବଙ୍କର ଏହି ପବିତ୍ର ମନ୍ଦିରଟି। ତା'ଛଡା ଏହି ମନ୍ଦିରରେ ସମୁଦାୟ ନଅଟି ଦ୍ୱାର ରହିଛି, ତନ୍ମଧ୍ୟରୁ ଚାରୋଟି ଦ୍ୱାର ଉପରେ ଉଚ୍ଚ ଉଚ୍ଚ ପଗୋଡ଼ା ବା ଗୋପୁରମ୍ ନିର୍ମିତ ହୋଇଛି। ଆଉ ପ୍ରତି ଗୋପୁରମ୍‌ର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ପଟକୁ ୭ଟି ଲେଖାଏ ସ୍ତର ରହିଛି ; ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଏ। ଏହି ମନ୍ଦିରର ଅପୂର୍ବ ବାସ୍ତୁକଳା ସାଙ୍ଗକୁ ପ୍ରଭୁଙ୍କର ମହିମା ଦେଶବିଦେଶର ଭକ୍ତଗଣଙ୍କୁ ବେଶ୍ ମୋହିତ କରିଥାଏ।

## କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ତିରୁଚିରାପ୍ପାଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦର (ତ୍ରିଚୀ ବିମାନବନ୍ଦର) ହେଉଛି ଏହାର ନିକଟତମ ମୁଖ୍ୟ ବିମାନବନ୍ଦର ; ଯାହା ଚିଦଂବରମ୍‌ଠାରୁ ପ୍ରାୟ ୧୯୫ କି.ମି. ଦୂରରେ ଅବସ୍ଥିତ। ତା'ଛଡ଼ା ଏହି ସ୍ଥାନରୁ ବସ୍ ତଥା ଟ୍ରେନ୍ ଯୋଗେ ବି ଭକ୍ତଗଣ ସୁବିଧାରେ ଯାଇ ମନ୍ଦିର ନିକଟରେ ପହଞ୍ଚିପାରିବେ।





# ବ୍ଲାକ ଡାଇମଣ୍ଡ ସେଓ



ବଜାରରେ ଲାଲ, ସବୁଜ ଓ ହାଲ୍‌କା ହଳଦିଆ ରଙ୍ଗର ସେଓ ଦେଖିଥିବେ। ଏହାବାଦ୍ ପୃଥିବୀର ୨୦ରୁ ଅଧିକ ଦେଶରେ ଏ ପର୍ଯ୍ୟନ୍ତ ୨୦୦ରୁ ଅଧିକ କିସମର ସେଓ ଉତ୍ପାଦନ ହୋଇସାରିଲାଣି। ଏହା ମଧ୍ୟରେ ଗୋଟିଏ ହେଉଛି କଳା ତଥା ଗାଢ ବାଇଗଣୀ ରଙ୍ଗର ଏକପ୍ରକାରର ସେଓ। ଯାହାକି 'ବ୍ଲାକ୍ ଡାଇମଣ୍ଡ' ସେଓ ନାମରେ ପରିଚିତ। ଏହି ଦୁର୍ଲଭ ସେଓର ସ୍ୱାଦ ମହୁଠାରୁ ବି ମିଠା। ତିବ୍ବତର ପାହାଡ଼ ଅଞ୍ଚଳ ତଥା ସମୁଦ୍ର ପତ୍ତନରୁ ୩୧୦୦ ମିଟର ଉଚ୍ଚତାରେ ଉତ୍ପାଦନ ହୋଇଥାଏ ଏହି ସେଓ। ବହୁତ ଉଚ୍ଚତାରେ ଚାଷ ହେଉଥିବାରୁ ଏଠାକାର ଦିନ ଓ ରାତିର ତାପମାତ୍ରା ଭିତରେ ବହୁତ ଅନ୍ତର ଥାଏ। ଦିନରେ ସେଓ ଉପରେ ପ୍ରଚଣ୍ଡ ଖରା ସହ ଅତି ବାଇଗଣୀ ରଶ୍ମି ପଡିବାବେଳେ ରାତିରେ ପଡେ ପ୍ରବଳ ଥଣ୍ଡା। ତେଣୁ ଏହି ସେଓ ବାଇଗଣୀ ରଙ୍ଗର ପାଲଟି ଯାଇଥାଏ। ତିବ୍ବତରେ ଉକ୍ତ ସେଓକୁ 'ହୁଆ ନିଉ' କୁହାଯାଏ। ଏହାର ମୂଲ୍ୟ ମଧ୍ୟ ବହୁତ। ତେବେ ଚାଷୀ ଏହାକୁ ଉତ୍ପାଦନ କରିବାକୁ ବେଶି ଇଚ୍ଛା ପ୍ରକାଶ କରନ୍ତି ନାହିଁ। କାରଣ ଏହାର ଗଛରେ ଫଳ ଧରିବାକୁ ପ୍ରାୟ ୮ ବର୍ଷ ଲାଗିଯାଏ। ଏଥିରେ ନ୍ୟୁଟ୍ରିଶନ୍ ଭେଲ୍ୟୁ ବି କମ୍। କିନ୍ତୁ ଏହାର ମୂଲ୍ୟ ଗୋଟିଏ ସେଓ ପିଛା ୫୦୦- ୧୦୦୦ଟଙ୍କା ହୋଇଥାଏ।

## କାର୍ଟୁନ କର୍ନର



# ଭିନ୍ନ ଏହି ନେଲ୍ ଆର୍ଟ






**ଆକର୍ଷଣୀୟ ଲୁକ୍ ପାଇବା ପାଇଁ କେବଳ ତ୍ୱଚାର ଯତ୍ନ ନେଲେ ତ ହେବନି ପୂରା ଶରୀରର ଏପରିକି ନଖର ମଧ୍ୟ ଦେଖାଶୁଣା କରିବା ନିହାତି ଜରୁରୀ। ସେଥିପାଇଁ ତ ଯୁବତୀମାନେ ବେଳେବେଳେ ହାତରେ ସୁନ୍ଦର ସୁନ୍ଦର ଆର୍ଟିଫିସିଆଲ୍ ନେଲ୍ ବା ନଖ ଲଗାଇବା ସହ ନେଲଆର୍ଟ ବି କରାଇଥାନ୍ତି। ହେଲେ ଏଠାରେ ଏମିତି କିଛି ଆର୍ଟିଫିସିଆଲ୍ ନେଲ୍ ତଥା ନେଲଆର୍ଟ ସମ୍ପର୍କରେ ଉଲ୍ଲେଖ କରାଯାଉଛି, ଯାହା ନଖକୁ ଆକର୍ଷଣୀୟ ଲୁକ୍ ଦେବା ତ ଦୂର କଥା ଦେଖିବାକୁ ହିଁ ବେଶ୍ ଅଜବ ଲାଗିଥାଏ...**

**କଟ୍‌ଲେରୀ ନେଲ୍‌ଆର୍ଟ:** ଚାମଚ, ଛୁରି, କଣ୍ଟାଚାମଚ ଆଦିକୁ ସାଧାରଣତଃ କଟ୍‌ଲେରୀ କୁହାଯାଇଥାଏ। ଏବେ ଏହି ଡିଜାଇନ୍‌ର ନେଲ୍‌ଆର୍ଟ ବି କେତେକ ଯୁବତୀ କରୁଥିବା ଦେଖିବାକୁ ମିଳୁଛି। ସାଧାରଣତଃ ଆର୍ଟିଫିସିଆଲ୍ ନେଲ୍‌କୁ କଟ୍‌ଲେରୀର ଶେପ୍ ଦେଇ ସେଥିରେ ନେଲ୍ ଆର୍ଟ କରାଯିବା ପରେ ଅଠା ସାହାଯ୍ୟରେ ଏହାକୁ ନଖରେ ଲଗାଯାଇଥାଏ। ଏହା ଦେଖିବାକୁ ସିନା ଅଜବ ଲାଗିଥାଏ, କିନ୍ତୁ ବେଳେବେଳେ ଏହା ବ୍ୟବହାର ଯୋଗ୍ୟ ବି ହୋଇଥାଏ।





**କାକ୍‌ଟସ୍ ନେଲ୍‌ଆର୍ଟ:** ଅବିକଳ କାକ୍‌ଟସ୍ ଭଳି ଦେଖାଯାଉଥିବା ଆର୍ଟିଫିସିଆଲ୍ ନେଲ୍ ବି ଏବେ ମିଳିଲାଣି। ଏହାକୁ ଆଣି ଅଠା ସାହାଯ୍ୟରେ ସିଧାସଳଖ ନଖରେ ଲଗାଇପାରିବେ। ନଚେତ୍ ନଖରେ କାକ୍‌ଟସ୍ ଡିଜାଇନ୍‌ର ନେଲ୍‌ଆର୍ଟ କରି ଭିନ୍ନ ଲୁକ୍ ବି ପାଇପାରିବେ।

**ସ୍କ୍ରୁଡ୍ରାଇଭର୍ ନେଲ୍‌ଆର୍ଟ:** ସତସତିକା ସ୍କ୍ରୁଡ୍ରାଇଭର୍ ଲାଗିଥିବା ଆର୍ଟିଫିସିଆଲ୍ ନେଲ୍ ବା ନଖକୁ ବି ଅଠା ସାହାଯ୍ୟରେ ହାତ ନଖରେ ଲଗାଇ ଅନେକ କାମ କରିହୋଇପାରିବ। ଅବଶ୍ୟ ଏହା ହାତକୁ ଟିକେ ଫନି ଲୁକ୍ ଦେବ କିନ୍ତୁ ଏହାକୁ ବେଶ୍ ସାବଧାନତାର ସହ କ୍ୟାରି କରିବାକୁ ପଡ଼ିବ। ନଚେତ୍ ଟିକେ ଅସାବଧାନତା ହେଲେ ଏହି ନେଲ୍ ଦ୍ୱାରା ଖଣ୍ଡିଆଖାବରା ବି ହୋଇଯାଇପାରେ।

**ବଗ୍ ନେଲ୍‌ଆର୍ଟ:** ବଗ୍ ହେଉଛି ଏକପ୍ରକାର ପୋକ। ଯଦି ଅବିକଳ ଏହି ପୋକ ଡିଜାଇନ୍‌ର ଆର୍ଟିଫିସିଆଲ୍ ନେଲ୍‌କୁ ଆଣି ନଖରେ ଲଗାଇବା ତା'ହେଲେ ତାହା କେମିତି ଦେଖାଯିବ ଥରେ ଚିନ୍ତା କରନ୍ତୁ ତ! ବେଶ୍ ଅଜବ ତ ନିହାତି ଲାଗିବ ତା'ସହ ତାକୁ ଦେଖୁଦେଖୁ ଭୟରେ ଦେହ ଶୀତେଇ ବି ଉଠିବ।

**ପ୍ଲାଣ୍ଟ ନେଲ୍‌ଆର୍ଟ:** ଅବଶ୍ୟ ଆଜିକାଲି ଅଧିକାଂଶ ଲୋକ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ଗଛ ଲଗାଇବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଯଦି ନଖରେ ଗଛ ଲଗାଇବାର ନେଲ୍‌ଆର୍ଟ କରିବା କିମ୍ବା ଗଛ ଡିଜାଇନ୍‌ର ଆର୍ଟିଫିସିଆଲ୍ ନେଲ୍‌କୁ ଆଣି ଲଗାଇବା ତା'ହେଲେ ତାହା ଆଖିକୁ ହୁଏତ ସେତେ ଆକର୍ଷଣୀୟ ଲାଗିବ ନାହିଁ। କିନ୍ତୁ ଏବେ ଏହି ଭିନ୍ନ ଟ୍ରେଣ୍ଡର ଚଳଣି ବିଦେଶରେ ବେଶ୍ ଚାଲିଥିବା ଦେଖିବାକୁ ମିଳୁଛି।

**ମାଉଥ୍ ଅର୍ଗାନ୍ ନେଲ୍‌ଆର୍ଟ:** ଅତି ଛୋଟ ମାଉଥ୍ ଅର୍ଗାନ୍‌କୁ ବି ଆପଣ ଚାହିଁଲେ ଅଠା ସାହାଯ୍ୟରେ ନଖରେ ଲଗାଇ ଏକ ଭିନ୍ନ ନେଲ୍‌ଆର୍ଟ କରିପାରିବେ। ଯାହା ଦେଖିବାକୁ ହୁଏତ ଅଜବ ଲାଗିବ କିନ୍ତୁ ବୋରିଂ ସମୟରେ ଆପଣ ଏହି ମାଉଥ୍ ଅର୍ଗାନ୍‌କୁ ବଜାଇ ଟିକେ ରିଲାକ୍ସ ଫିଲ୍ ବି ତ କରିପାରିବେ।

**ଫିଶର୍‌ମ୍ୟାନ୍ ନେଲ୍‌ଆର୍ଟ:** ମାଛ ଧରାଳିଟିଏ ବସି ମାଛ ଧରୁଥିବାର ନେଲ୍‌ଆର୍ଟ ଦେଖିବାକୁ ସିନା ଟିକେ ନିଆରା ଲାଗେ କିନ୍ତୁ ଏହା ଜଣେ ନେଲ୍ ଆର୍ଟିଷ୍ଟଙ୍କର ସୃଜନଶୀଳତାର ଭିନ୍ନ ପରିଚୟ ବି ଦେଇଥାଏ।

**ଥୋର୍ନ ନେଲ୍‌ଆର୍ଟ:** ଥୋର୍ନ ବା କଣ୍ଟା ଦେହରେ ଫୋଡି ହୋଇଗଲେ ଯେମିତି ଦେଖାଯାଏ ଅବିକଳ ସେହି ଡିଜାଇନ୍‌ର ନେଲ୍‌ଆର୍ଟ ବି ଆପଣ ଚାହିଁଲେ ନଖରେ କରିପାରିବେ। କିନ୍ତୁ ଏହା ଦେଖିବାକୁ ଟିକେ ଲୋମ ଟାଙ୍କୁରା ହୋଇଥାଏ।

**ବେବି ବଟଲ୍ ନେଲ୍‌ଆର୍ଟ:** ଛୋଟ ପିଲାମାନେ ପିଉଥିବା କ୍ଷୀର ବୋତଲ ଡିଜାଇନ୍‌ର ନେଲ୍‌ଆର୍ଟ ବି ଦେଖିବାକୁ ବେଶ୍ ଅଜବ ଲାଗେ। କିନ୍ତୁ ଏହା କିଛିଲୋକଙ୍କୁ ବି ଆକର୍ଷିତ କରିଥାଏ।

କେବଳ ଏତିକି ନୁହେଁ, ସତସତିକା ଛୋଟ ଛୋଟ ଶାମୁକା ଓ ଶଙ୍ଖ, ଦାନ୍ତଘଷା ବ୍ରଶ ଡିଜାଇନ୍, ଇୟରଫୋନ୍ ଡିଜାଇନ୍ ତଥା ରାକ୍ଷସଙ୍କ ନଖ ଭଳି ଦେଖାଯାଉଥିବା ଆର୍ଟିଫିସିଆଲ୍ ନେଲ୍ କିମ୍ବା ନେଲ୍‌ଆର୍ଟରେ ବି ଆପଣ ଚାହିଁଲେ ଆପଣଙ୍କ ହାତର ନଖକୁ ଡିଜାଇନ୍ କରି ଟିକେ ଭିନ୍ନ ଲୁକ୍ ପାଇପାରିବେ।













## ଝିଅଙ୍କ ପାଇଁ ଖୋଲିଥିଲେ ପ୍ରଥମ ସ୍କୁଲ

**ଯେ**ଉଁ ସମୟରେ ନାରୀର କେବଳ ଘର ପରିବାର ସମ୍ଭାଳିବା ଛଡ଼ା ଅନ୍ୟ କେଉଁଥିରେ ମତ ରଖିବାର ଅଧିକାର ନ ଥିଲା, ସେହି ସମୟରେ ଜଣେ ନାରୀ ସାହସର ସହ ନିଜ ସ୍ୱର ଉଠାଇଥିଲେ। ଖାସ୍‌କରି ପୁରୁଷଙ୍କ ଭଳି ନାରୀର ବି ପାଠ ପଢ଼ି ଶିକ୍ଷିତ ହେବାର ଅଧିକାର ଅଛି ବୋଲି ସେ ସ୍ୱର ଉତ୍ତୋଳନ କରିଥିଲେ। ତା'ସହ ବ୍ରିଟିଶ ଶାସନ କାଳରେ ନାରୀଙ୍କୁ ସେହି ଅଧିକାର କିଭଳି ମିଳିପାରିବ ସେଥିପାଇଁ ଲଢ଼ିଥିଲେ ମଧ୍ୟ। ସେଇ ମହାନ୍ ନାରୀ ହେଉଛନ୍ତି ସାବିତ୍ରୀ ବାଈ ଫୁଲେ। ୧୮୩୧, ମହାରାଷ୍ଟ୍ରର ସତାରା ଜିଲାସ୍ଥିତ ନଇଗାଁଓ ନାମକ ଛୋଟିଆ ଗାଁରେ ତାଙ୍କ ଜନ୍ମ। ମାତ୍ର ୯ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା। ସେତେବେଳେ ସେ ଆଦୌ ପଢ଼ି ନ ଥିଲେ। ହେଲେ ଇଚ୍ଛା ତାଙ୍କର ଥିଲା ଉଚ୍ଚଶିକ୍ଷା ଲାଭ କରିବା। କିନ୍ତୁ ସେହି ସମୟରେ ଦଳିତଙ୍କ ସହ ଅନେକ ଭେଦଭାବ ହେଉଥିଲା। ଆଉ ସାବିତ୍ରୀ ନୀଚ ଜାତିର ହେବା ସହ ଝିଅ ହୋଇଥିବାରୁ ତାଙ୍କୁ ପଢ଼ିବାର ସୁଯୋଗ ମିଳି ନ ଥିଲା। ତାଙ୍କ ସ୍ୱାମୀ ଜ୍ୟୋତି ରାଓ ଫୁଲେ କିନ୍ତୁ ଘରେ ୩ୟ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ସ୍ୱାମୀଙ୍କ ସହ ମିଶି ସେ ପ୍ରାଥମିକ ଶିକ୍ଷା ଶେଷ କରିଥିଲେ। ଏହାପରେ ସେ ଶିକ୍ଷକତା ପାଇଁ ମଧ୍ୟ ତାଲିମ ନେଲେ। ଆଉ ସ୍ଥାନୀୟ ଝିଅମାନଙ୍କୁ ପଢ଼ାଇବା ଆରମ୍ଭ କଲେ। ଶେଷରେ ୧୮୪୮ ମସିହାରେ ପୁଣେର 'ଭିଡେ ୱାଡା'ରେ ସାବିତ୍ରୀ ସ୍ୱାମୀଙ୍କ ସହ ମିଶି ଖୋଲିଲେ ଦେଶର ପ୍ରଥମ ବାଳିକା ବିଦ୍ୟାଳୟ। ସେହି ସ୍କୁଲରେ ସେ ନିଜେ ପଢ଼ାଇଲେ। ଫଳରେ ସେ ଦେଶର ପ୍ରଥମ ମହିଳା ଶିକ୍ଷକଭାବେ ମଧ୍ୟ ପରିଚିତ ହେଲେ। ଏହା ବାଦ୍ ସେ ଜଣେ କବି ମଧ୍ୟ ଥିଲେ। ୧୮୫୪ ମସିହାରେ ତାଙ୍କ ରଚିତ 'କାବ୍ୟ ଫୁଲେ' ନାମକ ପୁସ୍ତକ ପ୍ରକାଶ ପାଇଥିଲା।

ବ୍ୟାକ୍ ପେଜ୍







# ପଥରରେ ଜୀବନ

**ଇ**ଟାଲୀୟ କଳାକାର ରୋବେର୍ଟୋ ରିଜୋଙ୍କୁ ଲାଗେ ସତେ ଯେମିତି ପଥରରେ ପ୍ରାଣ ଅଛି। ପ୍ରତି ପଥରରେ ତାଙ୍କୁ ଜୀବଜନ୍ତୁଙ୍କ ଛବି ଦେଖାଯାଏ। ସେଥିପାଇଁ ସେ ସଂଗ୍ରହ କରନ୍ତି ବିଭିନ୍ନ ଆକାରର ପଥର। ଆଉ ତାକୁ ଦିଅନ୍ତି ବିଭିନ୍ନ ଜୀବଜନ୍ତୁ, ପକ୍ଷୀ ଓ ସରୀସୃପର ରୂପ। ସେସବୁକୁ ସେ ଏତେ ନିଖୁଣଭାବେ କରନ୍ତି ଯେ, ଲାଗେ ସତେ ଯେମିତି ତାହା ପଥର ନୁହେଁ ବରଂ ସତସତିକା ଜୀବଜନ୍ତୁ। ମାଛ, ପକ୍ଷୀ ଓ ଖାସ୍‌କରି ଲୋମଶ ପ୍ରାଣୀଙ୍କର ଚିତ୍ର କରିବା ତାଙ୍କୁ ଚ୍ୟାଲେଞ୍ଜ ପରି ଅନୁଭବ ହୁଏ। କାରଣ ଏଥିରେ ନିଖୁଣ କାମ କରିବାକୁ ହୁଏ। ତା'ଛଡା ମାଛ ଚିତ୍ର କରିବା ଲାଗି ସେହି ଆକାରର ପଥର ମିଳିବା କଷ୍ଟ ବୋଲି ସେ କହନ୍ତି। କିନ୍ତୁ ମିଳିବା ମାତ୍ରେ ସେ ତାକୁ ରୂପ ଦେବାରେ ଲାଗି ଯାଆନ୍ତି। ଦୀର୍ଘ ୨୫ ବର୍ଷ ହେବ ସେ ଏହି କାମ କରୁଛନ୍ତି। ଆଉ ତାଙ୍କର ପ୍ରତ୍ୟେକ ପେଣ୍ଟିଂ ଏକକୁ ଆରେକ ହୋଇଥାଏ।





# ସବୁଠୁ ଧିମା ଗତିରେ ଚାଲୁଥିବା ଟ୍ରେନ୍

**ଦୂ**ରଯାତ୍ରା ପାଇଁ ଅନେକେ ଏକ୍ସପ୍ରେସ୍ ଟ୍ରେନ୍ ବାଛନ୍ତି। ଏକ୍ସପ୍ରେସ୍ ଟ୍ରେନ୍‌ଗୁଡିକ ହୋଇଥାଆନ୍ତି ବେଶ୍ ଦ୍ରୁତଗାମୀ। କିନ୍ତୁ ଜାଣନ୍ତି କି ଏମିତି ବି ଏକ ଏକ୍ସପ୍ରେସ୍ ଟ୍ରେନ୍ ଅଛି, ଯାହା ସାରା ପୃଥିବୀରେ ତା'ର ମନ୍ଥର ଗତି ପାଇଁ ପରିଚିତ। ଏହି ଟ୍ରେନ୍‌ଟି ହେଉଛି ସୁଇଜରଲାଣ୍ଡର 'ଗ୍ଲାସିୟର୍ ଏକ୍ସପ୍ରେସ୍'। ଉକ୍ତ ଟ୍ରେନ୍ ସୁଇଜରଲାଣ୍ଡର ଉଚ୍ଚ ବରଫାବୃତ ପାହାଡରେ ଚାଲିଥାଏ। ଏହା ଜର୍‌ମାଟ୍ ଓ ସେଣ୍ଟ ମୋରିଜ୍ ଷ୍ଟେଶନ୍‌କୁ ଯୋଡିଥାଏ। ଉକ୍ତ ଟ୍ରେନ୍ ଏତେ ଧିମା ଗତିରେ ଯାଇଥାଏ ଯେ, ୨୯୦ କି.ମି.ର ବାଟକୁ ଅତିକ୍ରମ କରିବା ପାଇଁ ତାକୁ ୧୦ ଘଣ୍ଟା ସମୟ ଲାଗେ। ୧୯୩୦ରେ ଏହି ଟ୍ରେନ୍ ପ୍ରଥମ ଯାତ୍ରା କରିଥିଲା। ଆରମ୍ଭରେ ଏହା ଖରାଦିନେ ଚାଲୁଥିଲା। କାରଣ ଶୀତଦିନେ ବରଫ ପାହାଡ଼ ଉପରେ ଯିବା ବିପଜ୍ଜନକ ଥିଲା ଓ ଲୋକେ ଯିବାକୁ ଭୟ କରୁଥିଲେ। ସେହି ସମୟରେ ଉକ୍ତ ଟ୍ରେନ୍‌ରେ ଟୟଲେଟ୍ ବ୍ୟବସ୍ଥା ବି ନ ଥିଲା। ଏବେ ଏଥିରେ ଅନେକ ପରିବର୍ତ୍ତନ କରାଯାଇଛି। ଏତେ ଧିମା ଗତିରେ ଯିବା ଗର୍ବର କଥା ନୁହେଁ, କିନ୍ତୁ ଏବେ ଏହି ଟ୍ରେନ୍‌ରେ ଯାତ୍ରା କରିବାର ଅନୁଭୂତିକୁ ସାଉଁଟିବା ଲାଗି ପୃଥିବୀର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସୁଛନ୍ତି। ଗ୍ଲାସିୟର୍ ଏକ୍ସପ୍ରେସ୍‌ରେ ଗଲାବେଳେ ଉଚ୍ଚନୀଚ ପାହାଡ଼ିଆ ରାସ୍ତା ସହ ୯୧ଟି ସୁଡଙ୍ଗ ଓ ୨୧୯ଟି ପୋଲ ପଡ଼େ। ତେଣୁ ମନ୍ଥର ଗତିରେ ପ୍ରକୃତିର ବିଭିନ୍ନ ଦୃଶ୍ୟକୁ ଉପଭୋଗ କରିବା ପାଇଁ ଏହି ଟ୍ରେନ୍‌ରେ ଯିବାକୁ ଅନେକେ ପସନ୍ଦ କରୁଛନ୍ତି। ଯାତ୍ରା ସମୟରେ ପେଟ ଯନ୍ତ୍ରଣା ଅବା ବାନ୍ତିର ସମସ୍ୟା ଯାତ୍ରୀଙ୍କର ନ ଉପୁଜୁ ସେଥିପାଇଁ ଏକ ଖାସ୍ ପ୍ରକାରର ୱାଇନ୍ ବି ଦିଆଯାଏ। ଫଳରେ ଏହି ଯାତ୍ରା ରୋମାଞ୍ଚକର ସହ ମଜାଦାର ପାଲଟିଯାଏ।

